ଧରିତ୍ରୀ
DHARITRI
July 3-9, 2022 ₹ 2/-

ଛୁଟିଦିନ

# ସୁନ୍ଦରାଚଳ

ପ୍ରଚ୍ଛଦ ପ୍ରସଙ୍ଗ

୩


ରତ୍ନ ସିଂହାସନରୁ
ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି
ଦାରୁଦିଅଁ । ଆରମ୍ଭ ହୁଏ ଜଗତମଙ୍ଗଳ ଲୀଳା।
ରଥାରୂଢ଼ ହୋଇ ମହାପ୍ରଭୁ କରନ୍ତି ନବଦିନାତ୍ମକ
ଯାତ୍ରା, ଉପାସନା ସ୍ଥଳରୁ ଆବିର୍ଭାବ
ସ୍ଥଳୀ ପୁଣି ଭକ୍ତ– ଭଗବାନ୍‌ଙ୍କ ମହାମିଳନର
କ୍ଷେତ୍ର ପାଲଟିଯାଏ ସୁନ୍ଦରାଚଳ...



# କେମିତି କରିବେ ଝାଡ଼ୁ

**ଘରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଆମେ ଘର ଝାଡ଼ୁ କରିଥାଉ। କିନ୍ତୁ ଏହି ଝାଡ଼ୁ କରିବାକୁ ନେଇ ବି କିଛିଟା ବାସ୍ତୁ ନିୟମ ରହିଛି; ଯାହାକୁ ମାନିଲେ ଘରେ ସୁଖଶାନ୍ତି ବୃଦ୍ଧି ହେବା ସହ ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି...**

* ପୂଜା କରିସାରିବା ପରେ, ଭୋଜନ କରିବା ପରେ କିମ୍ବା ସନ୍ଧ୍ୟା



ଦେଇସାରିବା ପରେ ଘରେ ଆଦୌ ଝାଡ଼ୁ କରିବା ଠିକ୍ ନୁହେଁ। ଅନ୍ୟପକ୍ଷେ ଘରର କୌଣସି ସଦସ୍ୟ କାମରେ ବାହାରିଯିବା ପରେ ସଙ୍ଗେ ସଙ୍ଗେ ଘରେ ଝାଡ଼ୁକରିବା ଉଚିତ ନୁହେଁ। ଏହାଦ୍ୱାରା ବ୍ୟକ୍ତିଙ୍କର କର୍ମରେ ବାଧା ଉପୁଜିଥାଏ ବୋଲି ବିଶ୍ୱାସ ରହିଛି।

*ରାତିରେ ବି ଘରକୁ ଆଦୌ ଝାଡ଼ୁ କରିବା ଉଚିତ ନୁହେଁ। ଯଦି କରୁଥାନ୍ତି, ତା'ହେଲେ ଭୁଲ୍‌ରେ ବି ଘରର ଅଳିଆ ବାହାରକୁ ନ କାଢ଼ି ଘରର କୌଣସି କୋଣରେ ରଖିଦେବେ। ପରଦିନ ସକାଳେ ଘର ଭଲଭାବେ ଓଳାଇ ଏହି ଅଳିଆକୁ ସଫା କରିଦେଲେ ଘର ପରିଷ୍କାର ଦେଖାଯିବା ସହ ମନକୁ ବେଶ୍ ଶାନ୍ତି ଲାଗିଥାଏ।

*ଝାଡ଼ୁ କରିବା ସମୟରେ କେବେ ଗପସପ ହୋଇ ଝାଡ଼ୁ କରିବେ ନାହିଁ। କାରଣ ଏପରି କଲେ ଧ୍ୟାନ ଏପଟସେପଟ ହୋଇଥାଏ; ଯଦ୍ଦ୍ୱାରା ଘରର କିଛିକିଛି ସ୍ଥାନରେ ଧୂଳି ରହିଯାଏ; ଯାହା ମାତା ଲକ୍ଷ୍ମୀଙ୍କୁ ଆଦୌ ପସନ୍ଦ ନୁହେଁ। ତା'ସହ ଗପିବା ଯୋଗୁ ବେଳେବେଳେ କିଛି ଜରୁରୀ ଜିନିଷ ଭୁଲ୍‌ରେ ଝାଡ଼ୁରେ ଓଳେଇ ହୋଇ ବାହାରକୁ ଚାଲିଯିବାର ସମ୍ଭାବନା ବି ଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୩-୯

**ମେଷ**
ଆରୋଗ୍ୟ ଲାଭ, ଆର୍ଥିକ ଅଭିବୃଦ୍ଧି, ମାନସିକ ସ୍ଥିରତା, ଋଣ ପରିଶୋଧ ଚିନ୍ତା, ପ୍ରିୟବନ୍ଧୁଙ୍କୁ ମିଶିବେ, ଆତ୍ମୀୟଙ୍କ ଉଦାରତା, ଉପରିସ୍ଥଙ୍କ ମୃଦୁ ଭର୍ତ୍ସନା, ଖୋଜୁଥିବା ଜିନିଷ ପାଇବେ, ପଦୋନ୍ନତିର ସୂଚନା, ଉଚ୍ଚସ୍ତରରେ ସମ୍ପର୍କ, ଲେଖାପଢ଼ାରୁ ପ୍ରଶଂସା।

**ବୃଷ**
କର୍ମଜଞ୍ଜାଳ ବୃଦ୍ଧି, ମାନସିକ ଅସ୍ଥିରତା, ଆର୍ଥିକ ଉନ୍ନତି, ଆନୁଷ୍ଠାନିକ ପ୍ରସ୍ତୁତି, ସମସ୍ୟା ସମାଧାନ, ଯାନବାହନ ଲାଭ, ବସ୍ତ୍ରଭୂଷଣ ପ୍ରାପ୍ତି, ଆଶଙ୍କା ଦୂର ହେବ, ପାରିବାରିକ ଦ୍ୱନ୍ଦ୍ୱ, ନୂତନ ବନ୍ଧୁତ୍ୱ, ରାଜନୈତିକ ବିବାଦ।

**ମିଥୁନ**
ବନ୍ଧୁଙ୍କ ନିମନ୍ତ୍ରଣ, ଆର୍ଥିକ ଉନ୍ନତି, ନୂତନ ଯୋଜନାରମ୍ଭ, ସହକର୍ମୀଙ୍କ ସହାୟତା, ମିତ୍ରବନ୍ଧୁ ସମାଗମ, ବ୍ୟବସାୟରେ ଉନ୍ନତି, ନିଷ୍ପତ୍ତି ବଦଳାଇବେ, ଯାନବାହନରେ ତ୍ରୁଟି, ପରୋକ୍ଷ ଶତ୍ରୁତା।

**କର୍କଟ**
ନିରୁତ୍ସାହିତ ରହିବେ, ବନ୍ଧୁଙ୍କ ଅସହଯୋଗ, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ପଡୋଶୀଙ୍କ ଈର୍ଷା, ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପା, ସମର୍ଥନ ମିଳିବ, ପରିବହନରେ ଉନ୍ନତି, ଧର୍ମକାର୍ଯ୍ୟ କରିବେ, ପଦୋନ୍ନତିର ସୂଚନା।

**ସିଂହ**
ନୂତନ କାର୍ଯ୍ୟାରମ୍ଭ, ଆର୍ଥିକ ସହାୟତାପ୍ରାପ୍ତି, ସମ୍ପର୍କ ଯୋଡିବେ, ବନ୍ଧୁଙ୍କ ସମାଦର, ନିର୍ମାଣରେ ବିବାଦ, ଚଳଚ୍ଚିତ୍ରରେ ସୁନାମ, ପ୍ରଶାସନିକ ତତ୍ପରତା, ଶୁଭ ଖବରପ୍ରାପ୍ତି, ମୂଲ୍ୟବାନ ଦ୍ରବ୍ୟ ପ୍ରାପ୍ତି, କର୍ମକ୍ଷେତ୍ରରେ ଦକ୍ଷତା, କ୍ରୀଡାରେ ସଫଳତା।

**କନ୍ୟା**
ସ୍ୱଜନସମ୍ପର୍କ ବୃଦ୍ଧି, ବିବାଦରେ ପରାଜୟ, ବନ୍ଧୁମାନଙ୍କ ପ୍ରଶଂସା, ବ୍ୟବସାୟରେ ପ୍ରତିବନ୍ଧକ, ବକେୟା ବିବାଦ, ଯାତ୍ରାରେ ସମସ୍ୟା, ଦୈହିକ ଦୁର୍ବଳତା, ବୃତ୍ତିଗତ ସଫଳତା, ସନ୍ତାନଙ୍କ କୃତିତ୍ୱ, ବିଦେଶଯାତ୍ରା ଯୋଗ, ନିଯୁକ୍ତି ସୁଯୋଗ ପ୍ରାପ୍ତି।

**ତୁଳା**
ସ୍ନାୟବିକ ଦୁର୍ବଳତା, ଅର୍ଥନୈତିକ ବିବାଦ, ସହକର୍ମୀଙ୍କ ସମାଲୋଚନା, ମାମଲାରେ ବାଇଦା, ପରିବହନରେ ପ୍ରତିଦ୍ୱନ୍ଦ୍ୱିତା, ରୋଗ ପୀଡା କମିବ, ଆଭୂଷଣପ୍ରାପ୍ତି, ରଚନାତ୍ମକ କାର୍ଯ୍ୟାରମ୍ଭ, ନିର୍ମାଣର ଶେଷ ପର୍ଯ୍ୟାୟ।

**ବିଛା**
ସମସ୍ୟା ସମାଧାନ, ଋଣଗ୍ରସ୍ତ ହେବେ, ପ୍ରତିବନ୍ଧକ ହଟିଯିବ, ନୂତନ ବନ୍ଧୁତ୍ୱ, ପରିବହନରେ ଝଗଡା, ଯାନ୍ତ୍ରିକ ତ୍ରୁଟି, ସଙ୍ଗୀତ ସାଧନା, ଭ୍ରମଣ ସୁଯୋଗ, ପ୍ରାପ୍ୟଧନରେ ବାଧା, ପ୍ରତୀକ୍ଷାଜନିତ ଯନ୍ତ୍ରଣା।

**ଧନୁ**
ଉଚ୍ଚସମ୍ମାନ ପ୍ରାପ୍ତି, ବନ୍ଧୁ ପ୍ରସ୍ତାବ ଆସିବ, ସ୍ୱାସ୍ଥ୍ୟରେ ଉନ୍ନତି, ପଡୋଶୀଙ୍କ ସହାନୁଭୂତି, ବ୍ୟବସାୟରେ ଶିଥିଳତା, ନୀଚ ସଂସର୍ଗରୁ ନିନ୍ଦା, କରଜ କରିବେ, କଳାପ୍ରିୟ ହେବେ,ଶତ୍ରୁ ବାଧା କମିବ।

**ମକର**
ମାନସିକ ଶାନ୍ତି, ଲକ୍ଷ୍ୟ ହାସଲ କରିବେ, ପ୍ରିୟ ବନ୍ଧୁଙ୍କୁ ମିଶିବେ, କାର୍ଯ୍ୟରେ ସଫଳତା, ଆଘାତ ଲାଗିପାରେ, ପରିବାରରେ ମତଭେଦ, ଦ୍ରବ୍ୟ ନଷ୍ଟରୁ କ୍ଷୋଭ, ରଚନାତ୍ମକ କାମରୁ ପ୍ରଶଂସା, ସାମ୍ବାଦିକତାରୁ ଗୌରବ।

**କୁମ୍ଭ**
କାର୍ଯ୍ୟସାଧନରେ ବିଳମ୍ବ, ପରିବାରରେ ବ୍ୟତିକ୍ରମ, ନୈରାଶ୍ୟଜନିତ ଦୁଃଖ, ଆନୁଷ୍ଠାନିକ କର୍ମାରମ୍ଭ, ବନ୍ଧୁଙ୍କ ପ୍ରତାରଣା, ସାମାଜିକ ସମ୍ମାନ, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ, ଯାତ୍ରାରେ ସଫଳତା, ଧର୍ମକାର୍ଯ୍ୟରେ ରୁଚି, ସରକାରୀ ସହାୟତା।

**ମୀନ**
ଶାରୀରିକ ସୁସ୍ଥତା, ଉନ୍ନତ ଚିନ୍ତା, ନିଷ୍ପତ୍ତିର ପରିବର୍ତ୍ତନ, ସୌଖୀନଜିନିଷ କ୍ରୟ, ଶିକ୍ଷାରେ ସଫଳତା, ସ୍ଥଗିତ କାର୍ଯ୍ୟାରମ୍ଭ, ଗୃହ ସଜ୍ଜୀକରଣ, ପରିବହନରେ ଉନ୍ନତି, ତୀର୍ଥାଟନ କରିପାରନ୍ତି, ମକଦ୍ଦମାରେ ବିଜୟ, ସ୍ତ୍ରୀଙ୍କ ପ୍ରେରଣା।

# ନମସ୍କାରର ମାହାତ୍ମ୍ୟ

ନମସ୍କାର ଏକ ଶ୍ରେଷ୍ଠ ସଂସ୍କାର ଅଟେ। ଭଗବାନ୍‌ଙ୍କ ଆଗରେ ହେଉ ଅବା ମାତା-ପିତାଙ୍କ ସମ୍ମୁଖରେ କିମ୍ବା କୌଣସି ବୟସ୍କ ବ୍ୟକ୍ତି ତଥା ସନ୍ଥ-ମହାପୁରୁଷଙ୍କ ଆଗରେ ହାତ ଯୋଡ଼ି ନତମସ୍ତକ ହେଲେ, କୁହାଯାଏ ମନରେ ଥିବା ଅହଂକାର ଦୂର ହୋଇ ଅନ୍ତଃକରଣ ଶୁଦ୍ଧ ହୋଇଯାଏ। କେବଳ ସେତିକି ନୁହେଁ, ହୃଦୟରେ ଶୁଦ୍ଧ ଆଚରଣ, ନିଷ୍ଠା ଓ ପବିତ୍ରତା ଆସେ। ମାନସିକ ଶାନ୍ତି ବି ମିଳେ। ତା'ସହିତ ଆଚରଣରେ ସଂଯମତା ଆସେ, ହୃଦୟରେ ସମର୍ପଣଭାବ ବି ଆସେ ଏବଂ ମନ ସରଳ ଓ ସାତ୍ତ୍ୱିକ ହେବା ସହ ମନୋସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ତେଣୁ ଆଧୁନିକତାର ବଶବର୍ତ୍ତୀ ହୋଇ ନମସ୍କାର କରିବାର ସଂସ୍କାରକୁ କେବେ ବି ଭୁଲିବା ଉଚିତ



ନୁହେଁ କି ଏହାର ଅବମାନନା କରିବା ବି ଠିକ୍ ନୁହେଁ। କାରଣ ନମସ୍କାର ମଣିଷକୁ ଜୀବନ ପଥରେ ସଠିକ୍ ମାର୍ଗ ଦେଖାଇଥାଏ।

# ପାଠକୀୟ

*ଶ୍ରଦ୍ଧା ଓ ଭଲପାଇବାର ସଶକ୍ତ ଉଚ୍ଚାରଣ ବାପା। ତାଙ୍କୁ ଜାଣିହୁଏ ସିନା ଜଣେଇ ହୁଏନି। ସନ୍ତାନ ପାଇଁ ସମସ୍ତଙ୍କ ସହ ଲଢ଼ିବାର ସାହସ ରଖୁଥିବା ମଣିଷ କେବଳ ବାପା ହିଁ ହୋଇପାରନ୍ତି। ତେଣୁ ବାପାଙ୍କର ମହାନତାକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଛୁଟିଦିନର ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ମୋ ମନକୁ ବେଶ୍ ଛୁଇଁଗଲା। 'କାର୍ଯ୍ୟକ୍ଷେତ୍ରରେ ଉନ୍ନତି ଚାହୁଁଥିଲେ', 'ଏନ୍‌ଗେଜ୍‌ମେଣ୍ଟ ପରିୟରସିଂ' ଆଦି ପାଠଦୁଇଟିରୁ ବହୁ ଅଜଣା କଥା ଜାଣିହେଲା।

*- ମମତା ମହାନ୍ତି, ୱାଟର୍ ୱାର୍କ୍ସ ରୋଡ୍, ପୁରୀ*

* ତାଙ୍କୁ ଜାଣି ହୁଏ, ହେଲେ ଜଣେଇ ହୁଏନି। ତାଙ୍କ କାଖରେ ଥାଇ ଜହ୍ନକୁ ତୋଳିବାର ଜିଦ୍ ଆସେ। ତାଙ୍କ କାନ୍ଧରେ ବସି ଆକାଶକୁ ହାତ ବଢ଼େଇ ହୁଏ। ଦୁନିଆର ସବୁ ଭୟଙ୍କର ଶକ୍ତିକୁ ପରାସ୍ତ କରିବାର ସାହସ ଓ ବଳ ଅଛି ତାଙ୍କର। ସେ କିଏ ଜାଣନ୍ତି? ସେ ହେଲେ ବାପା। ତେଣୁ ଉକ୍ତ ସଂଖ୍ୟାର ଛୁଟିଦିନରେ ପ୍ରକାଶିତ ବାପାଙ୍କୁ ନେଇ ସ୍ୱତନ୍ତ୍ର ପ୍ରଚ୍ଛଦ ପ୍ରସଙ୍ଗଟି ଏକ ସୁନ୍ଦର ଆଲେଖ୍ୟ ଥିଲା। ସେହିପରି ହୋଟେଲ୍ ମ୍ୟାନେଜ୍‌ମେଣ୍ଟ କ୍ଷେତ୍ରରେ କ୍ୟାରିୟର୍ କଲେ କ'ଣ ସବୁ ସୁଫଳ ମିଳିପାରିବ ସେ କଥା ବି ଛୁଟିଦିନରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*- ଚନ୍ଦ୍ରିକା ପ୍ରଧାନ, ଖଣ୍ଡଗିରି, ଭୁବନେଶ୍ୱର*

* ସୃଜନ ପୃଷ୍ଠାରେ ସ୍ଥାନିତ ବାପାଙ୍କ ଉପରେ ଆଧାରିତ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। ଖାସ୍ କରି ପୂଜା ହେଗ୍‌ଡେ ଏବଂ ଆଲ୍ଲୁ ଅର୍ଜୁନଙ୍କ ଯୋଡ଼ି ଫଟୋଟି ଖୁବ୍ ସୁନ୍ଦର ଦେଖାଯାଉଥିଲା। ସାହିତ୍ୟିକା ସୁବାସିନୀ ଶତପଥୀଙ୍କ ରୋଜଗାର ସମ୍ପର୍କିତ ଅନୁଭୂତିଟି ବି ବେଶ୍ ମନଛୁଆଁ ହୋଇପାରିଥିଲା। ସାଥୀର ଉତ୍ତରଗୁଡ଼ିକ ଖୁବ୍ ରୋମାଣ୍ଟିକ୍ ଲାଗୁଥିଲା।

*- ତପସ୍ୱିନୀ ପାଣି, ସୁନ୍ଦରଗଡ଼*

* '୩୦୦ ବର୍ଷ ପରେ ଚର୍ଚ୍ଚାରେ ଔରଙ୍ଗଜେବ' ପାଠଟି ଏକ ନିଆରା ଆଲେଖ୍ୟ ଥିଲା। ମଡେଲ୍ ମିରର୍‌ରେ କେବଲ୍ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ହାଃ ହାଃ ବି ଖୁବ୍ ମଜାଦାର୍ ହୋଇଥିଲା। 'ନଦୀର ଶୋଭାରେ ଶୋଭିତ ସଙ୍ଗମ-ମେକେଦତୁ' ସମ୍ପର୍କରେ ସହର ପୃଷ୍ଠାରୁ ବହୁ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*- ସୁନିତା ପ୍ରଧାନ, ଟାଙ୍ଗୀ, ଖୋର୍ଦ୍ଧା*

* ଏଥରର ବ୍ୟଙ୍ଗ 'ଯେତେ ମାଠିବୁ ମାଠ' ପାଠଟି ଏକ ସୁନ୍ଦର ତଥା ତଥ୍ୟପୂର୍ଣ୍ଣ ଆଲେଖ୍ୟ ଥିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଗୋଲ୍ଡେନ ଟ୍ରି' ଏବଂ 'ସିଂହର ଷ୍ଟ୍ରେଟ୍ ବ୍ୟାଙ୍ଗ ହେୟାର୍ ଷ୍ଟାଇଲ୍' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଲାଗୁଥିଲା।

*- ତନୁଶ୍ରୀ ଦାଶ, ସାଲେପୁର*




## ବିଶେଷ ଚିଠି

କେମିତି ହେବ ମଙ୍ଗଳ ? ପଢ଼ି ଜାଣିଲି
ଏ ସପ୍ତାହର ରାଶିଫଳ।
ପାଠକୀୟରେ ମତାମତ
ଆବୃତ୍ତି ହେଉଛି ଯଥାଯଥ।
ସିନେମା ପୃଷ୍ଠାରେ ଥିଲା ମନୋରଞ୍ଜନ
ପ୍ରକୃତିର ସୌନ୍ଦର୍ଯ୍ୟରେ ଭରିଛି ସୃଜନ।
ଯାଇ ସହରଠୁ ଦୂର
ଦେଖିଲି ଶୋଭା ସଙ୍ଗମ-ମେକେଦତୁ'ର
ଛୁଟିଦିନ ତୁମକୁ ନିବେଦନ
ଆସୁଥାଅ ଏମିତି ସବୁଦିନ।

*- ସୁନିଲ କୁମାର ବେହେରା, ମନ୍ଦାରୀ, ବାସୁଦେବପୁର, ଭଦ୍ରକ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ସୁନ୍ଦରାଚଳ



ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା। ରଥରେ ଚଢ଼ି ଜନ୍ମବେଦିକୁ ଯାଆନ୍ତି ଠାକୁରେ। ଆଗରେ ତାଳଧ୍ୱଜ ରଥରେ ଚାଲନ୍ତି ଦାରୁଦିଅଁଙ୍କ ଶ୍ରବଣଶକ୍ତି ଅଗ୍ରଜ ଶ୍ରୀବଳଭଦ୍ର, ତାଙ୍କ ପଛକୁ ଇଚ୍ଛାଶକ୍ତି ମା' ସୁଭଦ୍ରା ଓ କାର୍ଯ୍ୟଶକ୍ତି ଶ୍ରୀସୁଦର୍ଶନ ଗୋଟିଏ ରଥ (ଦେବଦଳନ)ରେ ଗତି କରନ୍ତି। ସର୍ବଶେଷରେ ନନ୍ଦିଘୋଷରେ ଯାଆନ୍ତି କାଳିଆ ସାଆନ୍ତ। ଏହି ଯାତ୍ରା ଉପାସନା ମଣ୍ଡପରୁ ଆବିର୍ଭାବ ମଣ୍ଡପ ବା ଗୁଣ୍ଡିଚା ମଣ୍ଡପକୁ। ତେଣୁ ଏହାକୁ କୁହାଯାଉଛି ଶ୍ରୀଗୁଣ୍ଡିଚା ଯାତ୍ରା। ଦାରୁଦିଅଁଙ୍କର ଗୁଣ୍ଡିଚା ଯାତ୍ରା ହେଉଛି ଓଲଟ ଯାତ୍ରା। ଜଣେ ମଣିଷ ଘରୁ ବାହାରକୁ ଗଲେ ବା ସ୍ଥାନାନ୍ତର ହେଲେ ଯେତେବେଳେ ଜନ୍ମସ୍ଥାନକୁ ବାହୁଡ଼ି ଆସେ, ତାହାକୁ ଘରବାହୁଡ଼ା କହିଥାଉ। ଦାରୁଦିଅଁ ଆବିର୍ଭାବ ସ୍ଥଳକୁ ଉପାସନା ସ୍ଥଳରୁ ବାହୁଡ଼ି ଯାଉଛନ୍ତି ଯେଉଁଦିନ, ତାହା ବାହୁଡ଼ା ଯାତ୍ରା ହେବା କଥା। କିନ୍ତୁ ତାହାକୁ ଗୁଣ୍ଡିଚା ଯାତ୍ରା କୁହାଯାଉଛି। ତେଣେ ମହାପ୍ରଭୁ ଯେଉଁଦିନ ଆବିର୍ଭାବ ମଣ୍ଡପରୁ ରତ୍ନବେଦିକୁ ବିଜେ କରୁଛନ୍ତି ତାହାକୁ କୁହାଯାଉଛି ବାହୁଡ଼ାଯାତ୍ରା। ତାହା ହିଁ ଦାରୁଦିଅଁଙ୍କ ଉପାସନାରେ ବୈଚିତ୍ର୍ୟ।

ଶାସ୍ତ୍ରରେ ବର୍ଣ୍ଣନା ରହିଛି- ମହାରାଜା ଇନ୍ଦ୍ରଦ୍ୟୁମ୍ନ ଦାରୁଦିଅଁଙ୍କ ପାଇଁ ମନ୍ଦିର ନିର୍ମାଣ କରିବା ପରେ ପ୍ରତିଷ୍ଠା ବିଧି ସମାପ୍ତ କରିଥିଲେ। ସେତେବେଳେ ଆଡ଼ପ ମଣ୍ଡପରୁ ମହାପ୍ରଭୁଙ୍କୁ ରଥରେ ବସାଇ ପ୍ରଥମେ ଶ୍ରୀମନ୍ଦିରକୁ ଆଣିଥିଲେ। ତାହା ଥିଲା ଦାରୁଦିଅଁଙ୍କର ନୀଳାଚଳ ଯାତ୍ରା। ଏହି ଶାସ୍ତ୍ରୀୟ ପରମ୍ପରା ଏବେ ବି ଶ୍ରୀଜଗନ୍ନାଥଧାମର ପଞ୍ଚକୋଶୀମାନଙ୍କ ମଧ୍ୟରେ ବଞ୍ଚିରହିଛି। ଷୋଳ ଶାସନ ଓ ବତିଶ କରବାଡ଼ର ବ୍ରାହ୍ମଣମାନେ, କ୍ଷେତ୍ରରେ ବାସ କରୁଥିବା ଜାଣିବା ଶୁଣିବା ଲୋକେ ଦାରୁଦିଅଁ ଆଡ଼ପ ମଣ୍ଡପରେ ପହଞ୍ଚିବା ପରେ ସେଠାକୁ ଯାଇ ଦର୍ଶନ କରନ୍ତି ଓ ତାଙ୍କର ନୀଳାଚଳକୁ ଆସିବା ବେଳେ ଭାଗନିଅନ୍ତି। ସ୍କନ୍ଦ ପୁରାଣ ବର୍ଣ୍ଣନା ଅନୁଯାୟୀ, ଦାରୁଦିଅଁଙ୍କର ଉପାସନା ଧାମକୁ ଭୂସ୍ୱର୍ଗ କୁହାଯାଏ। ତେଣୁ ଭୂସ୍ୱର୍ଗକୁ ଗମନ କରିବା ବା ଯାତ୍ରା କରିବାର ବିଧିକୁ ଆମେ ବାହୁଡ଼ା ଯାତ୍ରା କହୁଛୁ। କାରଣ ସେ ଆମ ପାଖକୁ ବାହୁଡ଼ି ଆସୁଛନ୍ତି। ଆବିର୍ଭାବ ମଣ୍ଡପ ବା ଧାମକୁ ଯାତ୍ରା କରୁଥିବାରୁ ତାଙ୍କ ପାଇଁ ତାହା ବାହୁଡ଼ା ଯାତ୍ରା, ମାତ୍ର ମନୁଷ୍ୟଙ୍କ ମୁକ୍ତି ନିମନ୍ତେ ଲୀଳାକ୍ଷେତ୍ରକୁ ଫେରିବାକୁ ହେଉଛି ଆମ ପାଇଁ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା। ଅତଏବ ଦାରୁଦିଅଁଙ୍କ ନିମନ୍ତେ ଗୁଣ୍ଡିଚା ଯାତ୍ରା ହେଉଛି ବାହୁଡ଼ା ଯାତ୍ରା ଓ ଜୀବ ମଙ୍ଗଳ ନିମନ୍ତେ ଭୂସ୍ୱର୍ଗକୁ ଫେରିବାର ଯାତ୍ରା ହେଉଛି ବାହୁଡ଼ା ଯାତ୍ରା।

**ମାଧୁର୍ଯ୍ୟ ଭୂମି:** ବୈଷ୍ଣବ ପରମ୍ପରାରେ ଦାରୁଦିଅଁଙ୍କ ଗୁଣ୍ଡିଚା ଯାତ୍ରା ମାଧୁର୍ଯ୍ୟଭୂମିକୁ ଯାତ୍ରା ବୋଲି ଗ୍ରହଣ କରାଯାଏ। ଦାରୁଦିଅଁ ଉପାସିତ ହେଉଥିବା ଶ୍ରୀମନ୍ଦିର ନୀଳାଚଳ ଧାମରେ ଅବସ୍ଥିତ ବୋଲି ବିଶ୍ୱାସ କରାଯାଏ। ଏହାକୁ କୁହାଯାଏ ଐଶ୍ୱର୍ଯ୍ୟଧାମ। ମାଧୁର୍ଯ୍ୟଧାମ ହେଉଛି ବ୍ରଜଧାମ (ଆଜିର ଗୁଣ୍ଡିଚାବାଡ଼ି)। ଶ୍ରୀକୃଷ୍ଣ ଉପାସକମାନେ ଦାରୁଦିଅଁଙ୍କ ଆବିର୍ଭାବ ଧାମକୁ ବ୍ରଜଧାମ ଭାବେ ଗ୍ରହଣ କରନ୍ତି। ଏ ସମ୍ପର୍କରେ ଐତିହ୍ୟ ବିଶାରଦ **ଡ. ସୁରେନ୍ଦ୍ର କୁମାର ମିଶ୍ର** କୁହନ୍ତି– 'ବ୍ରଜଧାମ ହେଉଛି ସୁନ୍ଦରାଚଳ। ଏହି ଯାତ୍ରା ନୀଳାଚଳରୁ ସୁନ୍ଦରାଚଳକୁ ଯାତ୍ରା। ସୁନ୍ଦରାଚଳକୁ ଲାଗି ରହିଛି ଆଈତୋଟା। ଯିବା ପୂର୍ବରୁ ସୁନ୍ଦରାଚଳର ମାର୍ଜନା ନୀତି ହୋଇଥାଏ। ଏହି ନୀତିରେ ମାର୍ଜନାକାରୀମାନେ ଗୁଣୁଗୁଣୁ ହୋଇ ମାର୍ଜନା କଲାବେଳେ ବୋଲନ୍ତି 'କାଲି ଆସିବେ ମୋ ପ୍ରାଣବନ୍ଧୁ/ଆଜି କୁଞ୍ଜ ସଜାଅ ଗୋ'। ପ୍ରକୃତି ଆକର୍ଷିତ କରୁଛି ଶ୍ରୀପୁରୁଷୋତ୍ତମଙ୍କୁ। ଏହି ମାର୍ଜନା ଗୀତର ଗୁଞ୍ଜରଣ ଶେଷ ହୁଏ ଆଈତୋଟାରେ। ଆଈ ହେଉଛନ୍ତି ବୈଷ୍ଣବମାନଙ୍କ ମତରେ 'ବୃନ୍ଦା'। ବ୍ରଜବାସୀଙ୍କ ପାଇଁ ଆଈର ଅର୍ଥ ମାଆ। ମା'ର ତୋଟା ହିଁ ପବିତ୍ର ଆଈତୋଟା। ଜନ୍ମଭୂମିକୁ ମା'ର ତୋଟା ଲାଗି ରହିବା ସ୍ୱାଭାବିକ। ଦାରୁଦିଅଁଙ୍କ କେହି ମା' ନ ଥିବାବେଳେ ମା'ର କଳ୍ପନା କରାଯାଇ ଏହି ଭାବର କଥା ପ୍ରାଚୀନ କାଳରୁ ରହିଛି।

ରତ୍ନ ସିଂହାସନରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି ଦାରୁଦିଅଁ । ଆରମ୍ଭ ହୁଏ ଜଗତମଙ୍ଗଳ ଲୀଳା। ରଥାରୂଢ଼ ହୋଇ ମହାପ୍ରଭୁ କରନ୍ତି ନବଦିନାତ୍ମକ ଯାତ୍ରା, ଉପାସନା ସ୍ଥଳରୁ ଆବିର୍ଭାବ ସ୍ଥଳ। ପୁଣି ଭକ୍ତ– ଭଗବାନ୍‌ଙ୍କ ମହାମିଳନର କ୍ଷେତ୍ର ପାଲଟିଯାଏ ସୁନ୍ଦରାଚଳ...

**ମହାପ୍ରଭୁଙ୍କ ପ୍ରିୟସ୍ଥଳ:** ଦାରୁଦିଅଁଙ୍କ ଜନ୍ମସ୍ଥାନ ସମ୍ପର୍କରେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ସିଦ୍ଧେଶ୍ୱର ମହାପାତ୍ର କୁହନ୍ତି, ମହାପ୍ରଭୁଙ୍କ ଜନ୍ମ/ଆବିର୍ଭାବ ସ୍ଥଳ, ମହାବେଦି, ଆଟୋପ ମଣ୍ଡପ/ଆଡ଼ମ୍ବର ମଣ୍ଡପ ବା ଲୋକମୁଖରେ ପ୍ରଚାରିତ ଆଡ଼ପ ମଣ୍ଡପ ବା ଆଜିର ଗୁଣ୍ଡିଚା ମନ୍ଦିର ଏକ ପବିତ୍ର ସ୍ଥଳ। ସ୍କନ୍ଦ ପୁରାଣ ବର୍ଣ୍ଣନାନୁଯାୟୀ, ଶ୍ରୀମନ୍ଦିରର ପ୍ରତିଷ୍ଠାତା ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କୁ ମହାପ୍ରଭୁ କହୁଛନ୍ତି– ହେ ରାଜା! ବର୍ଷକୁ ଥରେ ମୋତେ ଗୁଣ୍ଡିଚା ମନ୍ଦିରକୁ ନେଇଯିବ। ସେଇ ମୋର ଜନ୍ମସ୍ଥାନ। ମୋର ଏକ ଅତି ପ୍ରିୟ ସ୍ଥଳ। ତେଣୁ ରଥଯାତ୍ରାର ଏହା ପୃଷ୍ଠଭୂମି ବୋଲି ବିବେଚିତ ହୁଏ। ତେବେ ମହାପ୍ରଭୁ ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ ସମୟରେ ଏଠାରେ ରହି ଅନେକେ ବ୍ରତ ଉପାସନା କରନ୍ତି। ତୀର୍ଥ ଇନ୍ଦ୍ରଦ୍ୟୁମ୍ନରେ ସ୍ନାନ ସାରି ମହାପ୍ରଭୁଙ୍କୁ ଦର୍ଶନ କରନ୍ତି। ଏଠାରେ ଦର୍ଶନକୁ ବି ବହୁ ପୁଣ୍ୟପ୍ରଦ କୁହାଯାଏ। 'ନୀଳାଦ୍ରୌ ତୁ ସହସ୍ରାଣି ଆଡ଼ପ ମଣ୍ଡପେ ଦିନେ'ର ଅର୍ଥ ନୀଳାଦ୍ରି ମଣ୍ଡପ ବା ନୀଳାଚଳରେ ମହାପ୍ରଭୁଙ୍କୁ ହଜାରେ ଥର ଦର୍ଶନ କଲେ ଯାହା ମିଳେ, ଆଡ଼ପ ମଣ୍ଡପରେ ଥରଟିଏ ଦର୍ଶନ କଲେ ତାହା ପ୍ରାପ୍ତ ହୁଏ। →





**ଆଡ଼ପ ଅବଢ଼ା:** ମହାପ୍ରଭୁ ନୀଳାଚଳରେ ଶ୍ରୀମନ୍ଦିରରେ ଲୀଳା କରୁଥିବା ବେଳେ ତାଙ୍କ ପ୍ରସାଦକୁ ମହାପ୍ରସାଦ କୁହାଯାଏ। ବିଶ୍ୱରେ କୌଣସି ଦେବଦେବୀଙ୍କ ପ୍ରସାଦକୁ ଶାସ୍ତ୍ରରେ ମହାପ୍ରସାଦର ମାନ୍ୟତା ଦିଆଯାଇନାହିଁ।

– ମହାପ୍ରସାଦ ଶବ୍ଦ ପଛରେ ଗୂଢ଼ ରହସ୍ୟ ରହିଛି।
– ଏହାର ଅନ୍ୟ ନାମ ଅବଢ଼ା, ନିର୍ମାଲ୍ୟ, କୈବଲ୍ୟ।
– ଆଡ଼ପ ମଣ୍ଡପ ଅର୍ଥାତ୍ ସୁନ୍ଦରାଚଳରେ ଦାରୁଦିଅଁ ବିଜେ କରିବା ପରଦିନ ମହାପ୍ରସାଦ ପ୍ରସ୍ତୁତ ହୁଏ।
– ପ୍ରସ୍ତୁତି ପ୍ରକ୍ରିୟା ଏକା।
– ଭୋଗ ପ୍ରକ୍ରିୟା ଏକା।

ତଥାପି ଆଡ଼ପ ଅବଢ଼ା ଭାବରେ ଏହାର ପ୍ରସିଦ୍ଧି ସର୍ବଜନବିଦିତ।

– ଆଡ଼ପ ମଣ୍ଡପ ଦାରୁଦିଅଁଙ୍କ ଆବିର୍ଭାବ ସ୍ଥଳ।
– ଏଇଠି ପ୍ରଥମେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଯେଉଁ ଭୋଗ ଅର୍ପଣ କରିଥିଲେ, ତାହା ଆଡ଼ପ ଅବଢ଼ା ଭାବରେ ରୂଢ଼ି ହୋଇଯାଇଛି।
– ଆଡ଼ପ ମଣ୍ଡପରେ ଦିନେ ଦର୍ଶନ କଲେ ବର୍ଷେ ଦର୍ଶନର ଫଳ ମିଳେ।
– ଦାରୁଦିଅଁ ବ୍ରହ୍ମଦାରୁ। ତାଙ୍କ ପ୍ରସାଦ ଅନ୍ନବ୍ରହ୍ମ।
– ତାଙ୍କ ପ୍ରସାଦକୁ ସମାନ ମର୍ଯ୍ୟାଦା ଦେଇଯାଇଛନ୍ତି ଆଦି ଶଙ୍କରାଚାର୍ଯ୍ୟ।
– ଦାରୁଦିଅଁଙ୍କୁ ପ୍ରଥମେ ମହାରାଣୀ ଗୁଣ୍ଡିଚା ଓ ମହାରାଜା ଇନ୍ଦ୍ରଦ୍ୟୁମ୍ନ ସଂଧ୍ୟାଦର୍ଶନ ଦିନ ଦର୍ଶନ କରିଥିଲେ। ତେଣୁ ତାହା ନବମୀ ଦର୍ଶନ ଭାବରେ ପରିଚିତ।

**ସଭାବନାର ବାର୍ତ୍ତା** : ଶାସ୍ତ୍ରରେ କୁହାଯାଇଛି 'ସୋହମ୍'। ଏହାର ଅର୍ଥ ହେଉଛି ସେ ହିଁ ମୁଁ, ମୁଁ ହିଁ ସେ। ତୋ' ଓ ମୋ' ଭିତରେ କୌଣସି ପ୍ରଭେଦ ନାହିଁ। ଭାରତୀୟ ଦର୍ଶନରେ ଏହି ଗଭୀର ରହସ୍ୟକୁ ଦାରୁଦିଅଁ ରଥଯାତ୍ରାରେ ସାକାର କରାଉଛନ୍ତି। ଏଠାରେ ଦେହ ଓ ଦେହୀର କୌଣସି ଭେଦ ନାହିଁ। ଭାରତର କୌଣସି ମନ୍ଦିରରେ ମୂଳ ବିଗ୍ରହ ସିଂହାସନରୁ ଓହ୍ଲାଇ ଆସି ଭକ୍ତଙ୍କ ସହିତ ମିଶି ମାନବୀୟ ଲୀଳା କରିବାର ଦୃଷ୍ଟାନ୍ତ ବିରଳ। କିନ୍ତୁ ଦାରୁଦିଅଁ ନିର୍ଗୁଣ ବ୍ରହ୍ମ ହେଲେ ମଧ ସାକାର ହୋଇ ଜୀବର ମଙ୍ଗଳ ପାଇଁ ଏହି ଲୀଳା କରିଥାନ୍ତି। ସେଥିପାଇଁ ଏହାକୁ କୁହାଯାଏ ପତିତପାବନ ଯାତ୍ରା। ଏଥିରେ ସମାଜକୁ ସେ ମୁଖ୍ୟ ଭାବରେ ସଭାବନାର ବାର୍ତ୍ତା ଦେଇଥା'ନ୍ତି।

**–ବୀରଭଦ୍ର ବିଶ୍ୱାଳ**

## ଆଡ଼ପରେ ପ୍ରତିଦିନ ଦୁଇଥର ପ୍ରସ୍ତୁତ ହୁଏ ମହାପ୍ରସାଦ

**–ଭୁବନେଶ୍ୱର ପଣ୍ଡା**
**ସୁଆର ସେବକ**



ବଂଶାନୁକ୍ରମିକ ଭାବେ ଶ୍ରୀମନ୍ଦିରରେ ଆମର ରହିଛି ମହାପ୍ରଭୁଙ୍କ କୋଠଭୋଗ ସେବା। ୫୦ବର୍ଷ ହେବ ଏହି ସେବାରେ ମୁଁ ସାମିଲ ହୋଇ ଆସୁଛି। ପାଳି ଅନୁସାରେ ମାସକୁ ୭–୮ଦିନ ସେବା ସୁଯୋଗ ମିଳେ। ଦାରୁଦିଅଁଙ୍କ ପାଇଁ ବିଭିନ୍ନ ବ୍ୟଞ୍ଜନ ଯଥା – ଖେଚୁଡ଼ି, କାନିକା, ସାଦା ଅନ୍ନ, ମୁଗ, ମରିଚପାଣି, କାକରା, ଖିରି(ଚାଉଳ–କ୍ଷୀର,ଗୁଡ–ଚାଉଳ ଓ ସୁଜି), ପଖାଳ (ସୁବାସିତ ଓ ମିଠା) ଓ ପଣା ଇତ୍ୟାଦି ପ୍ରସ୍ତୁତ କରିଥାଉ। ଶ୍ରୀମନ୍ଦିର ଭଳି ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ସେବା କରିଥାଉ। ତେବେ ଆଡ଼ପ ମଣ୍ଡପରେ ଦାରୁଦିଅଁ ବିଜେ କରିଥିବା ବେଳେ ବହୁ ଭକ୍ତଙ୍କ ସମାଗମ ହୁଏ। ସ୍ଥାନୀୟ ଲୋକେ ଏଠାରେ ଥରଟିଏ ବ୍ରାହ୍ମଣ ଭୋଜନ ଦେବା ସହିତ ଅନ୍ନ ମହାପ୍ରସାଦ ପାଇଥାନ୍ତି। ତେଣୁ ଏଠାରେ ଦିନକୁ ଦୁଇଥର ମହାପ୍ରସାଦ ପ୍ରସ୍ତୁତ କରିବାକୁ ପଡିଥାଏ। ଯଦିଓ ଶ୍ରୀମନ୍ଦିର ଭଳି ନୀତିକାନ୍ତି, ଠାକୁରଙ୍କ ଭୋଗ ଏବଂ ସେବକ ସମାନ ତଥାପି ଆଡ଼ପରେ ରୋଷେଇ ଟିକେ କଷ୍ଟକର ହେଲେ ବି ଭଲ ଲାଗେ। ଏ ଜଗତ ମହାପ୍ରଭୁଙ୍କର, ତାଙ୍କରି ସେବା ସୁଯୋଗ ମିଳିଥିବାରୁ ତାହାକୁ ସୁଚାରୁରୂପେ ତୁଲାଇବାକୁ ମୁଁ ସବୁବେଳେ ଚେଷ୍ଟା କରିଥାଏ।

## ବାହୁଡ଼ା ଦିନ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲେ ମହାବାହୁ


ପ୍ରାକୃତିକ ବିପର୍ଯ୍ୟୟକୁ ନେଇ ପ୍ରାଚୀନ କାଳରେ ମହାପ୍ରଭୁଙ୍କୁ ଆଡ଼ପ/ ଜନ୍ମସ୍ଥଳରେ ପହଞ୍ଚିବା ପାଇଁ ମାସାଧିକ କାଳ ଲାଗିଯାଉଥିଲା। ଇତିହାସ କୁହେ, ୧୮୯୩ ମସିହାରେ ମହାପ୍ରଭୁ ବାହୁଡ଼ା ଦିନ ପହଞ୍ଚି ପୁଣି ଫେରିଆସିଥିଲେ। ଶ୍ରୀଗୁଣ୍ଡିଚା ଯାତ୍ରାର ଚତୁର୍ଥ ଦିନ ରଥ ଟଣା ହୋଇ ନ ପାରି ପଞ୍ଚମ ଦିନ ଅର୍ଥାତ୍ ହେରାପଞ୍ଚମୀ ଦିନ ନନ୍ଦିଘୋଷ ରଥ ଟଣା ହୋଇଥିଲା। ସନ୍ଧ୍ୟା ସୁଦ୍ଧା ଏହି ରଥ ବଡ଼ଦାଣ୍ଡର ବଳଗଣ୍ଡିଠାରେ ପହଞ୍ଚିଥିଲା। ପରମ୍ପରା ଅନୁଯାୟୀ ବଳଗଣ୍ଡିଠାରେ ନନ୍ଦିଘୋଷ ସମ୍ମୁଖରେ ହେରାପଞ୍ଚମୀ ନୀତି ସମ୍ପାଦନ କରାଯାଇଥିଲା। ଶରଧାବାଲିରେ ଅନୁଷ୍ଠିତ ହୋଇଥିଲା ସନ୍ଧ୍ୟା ଦର୍ଶନ। ଶହେବର୍ଷ ତଳେ ମଧ ମହାପ୍ରଭୁ ଶ୍ରାବଣ ମାସର ଶେଷ ଭାଗକୁ ଶ୍ରୀମନ୍ଦିରକୁ ଫେରିବା କଥା 'ଉତ୍କଳ ଦୀପିକା'ରେ ବର୍ଣ୍ଣନା ରହିଛି।

ଗଙ୍ଗବଂଶୀୟ ରାଜା ନରସିଂହ ଦେବ ମାଳିନୀ ନଦୀକୁ ବନ୍ଧାଇବା ବା ପୋତିବା ଆରମ୍ଭ କରିଥିଲେ। ଏହି ପ୍ରକ୍ରିୟା ବହୁବର୍ଷ ଧରି ଲାଗିଥିଲା। ତାଙ୍କ ପରେ ମଧ ଗଜପତିମାନେ ଏହି ନଦୀ ପୋତିବା କାର୍ଯ୍ୟ ଚାଲୁ ରଖିଥିଲେ। ମାଦଳା ପାଞ୍ଜିରେ ବାରମ୍ବାର ନଦୀ ବନ୍ଧାଇବାର ବର୍ଣ୍ଣନା ମିଳୁଥିବାରୁ ବନ୍ୟାବେଳେ ମନେହୁଏ ପୁଣି ମାଟି ଓ ବାଲି ଧୋଇ ହୋଇ ଯାଉଥିଲା। ନଦୀ ସମ୍ପୂର୍ଣ୍ଣ ପୋତି ହୋଇ ସାରିବାପରେ ତିନୋଟି ରଥ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟକୁ ଯିବା ନିମନ୍ତେ ସମର୍ଥ ହୋଇଥିଲା।



# ପ୍ରଭୁ ଶ୍ରୀଜଗନ୍ନାଥ ମୋର ସବୁକିଛି





**ଦୀପ୍ତିରେଖା ପାଢ଼ୀ, ଓଡ଼ିଆ ସଙ୍ଗୀତ ଜଗତର ଜଣେ ବହୁ ପରିଚିତ ନାଁ। ଅନେକ ସୁପରହିଟ୍ ଗୀତ ଗାଇ ଆଜି ସେ ଘରେ ଘରେ ପରିଚିତା। ତା'ଛଡ଼ା ନିଜ ଅଭିନୟର ଯାଦୁରେ ବି ଦିନେ ସେ ସମସ୍ତଙ୍କ ହୃଦୟରେ ଘର କରିଥିଲେ। ଏହି ବହୁମୁଖୀ ପ୍ରତିଭା ଏଥରର ସେଲିବ୍ରିଟି ସିକ୍ରେଟ୍‌ରେ...**

**ସଙ୍ଗୀତର ଆରମ୍ଭ:** ପିଲାଟି ଦିନରୁ ମୋର ସଙ୍ଗୀତ ପ୍ରତି ରୁଚି ଥିଲା। ତେଣୁ ଦ୍ୱିତୀୟ ଶ୍ରେଣୀରେ ପଢ଼ିବାବେଳେ ମୁଁ ବୋଉକୁ ଗୀତ ଶିଖିବା ପାଇଁ କହିଥିଲି। ସେ ମତେ ରାଜଧାନୀ କଳା ସଂସଦରେ ଆଡମିସନ୍ କରାଇଥିଲେ। ତା'ସହ ପାଠପଢ଼ା ବି ଚାଲିଥାଏ।

**ଓଲିଉଡ୍‌ରେ ପ୍ରଥମ ବ୍ରେକ୍:** ୨୦୦୯ରେ ମୋର ଓଲିଉଡ୍‌ରେ ଏଣ୍ଟ୍ରି ହେଲା। ମୋ ସାନ କକା ମତେ ପ୍ରେମାନନ୍ଦ ସାର୍‌ଙ୍କ ସହ ଦେଖା କରାଇଥିଲେ। ସେ ମୋ ସ୍ୱର ଶୁଣି ବହୁତ ପସନ୍ଦ କରିଥିଲେ। ଆଉ ଦୁଇଟି ଗୀତ ଗାଇବାର ସୁଯୋଗ ଦେଇଥିଲେ। 'ଲଭ୍ ଡଟ୍ କମ୍' ଚଳଚ୍ଚିତ୍ରରେ ଗୋଟିଏ ଗୀତ ଓ ସାବିତ୍ରୀ ମ୍ୟୁଜିକ୍‌ର 'ନୂଆ ପ୍ରେମିକା' ଆଲବମ୍‌ରେ ଗୋଟିଏ ଗୀତ ଗାଇଥିଲି।

**ଗଡ୍ ଫାଦର:** ପ୍ରେମାନନ୍ଦ ସାର୍ ମୋ ପାଇଁ ଗଡ୍ ଫାଦର୍। ଆଜି ମୁଁ ଯେଉଁ ସ୍ଥାନରେ ପହଞ୍ଚିଛି, ଯେଉଁ ପରିଚୟ ପାଇଛି ସବୁ କିଛି ତାଙ୍କ ପାଇଁ ସମ୍ଭବ ହୋଇଛି। ମତେ ନେଇ ସେ ଏକ୍ସପେରିମେଣ୍ଟ କରିଛନ୍ତି। ଆଉ ବିଭିନ୍ନ ପ୍ରକାର ଗୀତ ଗାଇବାକୁ ସୁଯୋଗ ଦେଇଛନ୍ତି।

**ଅଭିନୟର ଆରମ୍ଭ:** ଏକ ଆୱାର୍ଡ ଫଙ୍କସନ୍‌ରେ ମଳୟ ସାର୍ ଦେଖା ହୋଇଥିଲେ। ସେ ରାଜକନ୍ୟା ସିରିୟଲର ମୁଖ୍ୟ ଚରିତ୍ରରେ ଅଭିନୟ କରିବା ପାଇଁ ଅଫର୍ ଦେଇଥିଲେ। ଅଭିନୟର ଅଭିଜ୍ଞତା ନ ଥିବାରୁ ପ୍ରଥମେ ମୁଁ ରାଜି ହୋଇ ନ ଥିଲି। ହେଲେ ବାପା ମତେ କହିଥିଲେ ଭଲ ଚରିତ୍ର ଅଛି, ତେଣୁ କର। ମୁଁ ଅଡିସନ ଦେଲି। ସିଲେକ୍ଟ ବି ହୋଇଗଲି। ଭାବିଥିଲି କିଛିଦିନ କରି ଅଭିନୟ ଛାଡ଼ି ଦେବି। ହେଲେ ୪ ବର୍ଷ କାମ କଲି। ଦର୍ଶକଙ୍କର ଅଜସ୍ର ଭଲ ପାଇବା ବି ମିଳିଲା। ଏଇ ଅଭିନୟରୁ ମୁଁ ଅନେକ କିଛି ଶିଖିଛି। ଇଣ୍ଡଷ୍ଟ୍ରିକୁ ଚିହ୍ନିଛି। ଆଉ ନିଜକୁ ନୂଆ କରି ଗଢ଼ିଛି।

**ଅଭିନୟ ପରେ ସଙ୍ଗୀତର ପୁନଃ ଆରମ୍ଭ:** 'ଚାଲ କରିବା ଠିଆପାଲା' ଗୀତରୁ ଅଟକିଯାଇଥିବା ସଙ୍ଗୀତର ଯାତ୍ରା ପୁଣିଥରେ ଆରମ୍ଭ ହୋଇଥିଲା। ଆଉ ଏଇ ଗୀତଟି ହିଟ୍ ହୋଇଥିଲା। ପରେ ଅନେକ ଚଳଚ୍ଚିତ୍ରରେ ଅନେକ ହିଟ୍ ଗୀତ ଗାଇବାର ସୁଯୋଗ ପାଇଲି।

**ଅଭିନୟ ନା ସଙ୍ଗୀତ:** ଉଭୟ ଅଭିନୟ ଓ ସଙ୍ଗୀତ ମତେ ଲୋକଙ୍କ ଭଲ ପାଇବା ଦେଇଛି। ତେବେ ସଙ୍ଗୀତ ପ୍ରତି ମୋର ଭଲ ପାଇବା ଟିକେ ଅଧିକ। ମୋ ବାପାଙ୍କର ବି ସଙ୍ଗୀତରେ ରୁଚି ଥିଲା। ତେଣୁ କହିବାକୁ ଗଲେ ସଙ୍ଗୀତ ମତେ ବେଶି ଖୁସି ଦିଏ। ଅଭିନୟରେ ଟାଇମ୍ ଟେବୁଲ ଠିକ୍ ରହେନା। ତେଣୁ ସଙ୍ଗୀତ ଦୁନିଆକୁ ଫେରିଆସିଥିଲି।

**ଶସ୍ତା ଗୀତ ଗାଏନା:** ମୁଁ କେବେ ଶସ୍ତା, ଡବଲ ମିନିଂ ଗୀତ ଗାଇନି। ଏମିତିକି ରେକର୍ଡିଂ ପାଇଁ ଷ୍ଟୁଡିଓକୁ ଯାଇ ଯଦି ଜାଣେ ଏଭଳି ଗୀତ ଗାଇବାକୁ ହେବ, ତେବେ ରେକର୍ଡିଂ ନ କରି ମଧ୍ୟ ଫେରିଛି।

**ସିକ୍ରେଟ୍ ଶେୟାର କରେ:** ମୁଁ ମନର କଥା କେବଳ ବାପାଙ୍କ ସହ ଶେୟାର କରୁଥିଲି। ହେଲେ ବାପା ଚାଲିଗଲା ପରେ ମୁଁ ଆଉ କାହାକୁ ସେତିକି ନିଜର ଭାବିନି ମୋ ମନର କଥା ଖୋଲି କହିବା ପାଇଁ। ଏବେ ମୁଁ ମୋ ମନର ଦୁଃଖକଷ୍ଟ ଓ ସିକ୍ରେଟ୍ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଜଣାଏ।

**ସବୁଠୁ ସୁଖ ଓ ଦୁଃଖର ମୁହୂର୍ତ୍ତ:** ଯେବେ ମୋ' ଚଳଚ୍ଚିତ୍ରର ଗୀତ ହିଟ୍ ହେଲା ଓ ଓଡ଼ିଶାର ଗଳିକନ୍ଦିରେ ବାଜିଲା, ଦୁନିଆର ସବୁ ଖୁସି ମିଳିଗଲା ପରି ମତେ ଲାଗିଥିଲା। ଆଉ ଯେବେ ବାପା ଆମକୁ ଛାଡ଼ି ଆରପାରିକୁ ଚାଲିଗଲେ ମୋର ସବୁକିଛି ଚାଲିଗଲା ପରି ଲାଗିଥିଲା।

**ସ୍ୱାମୀ ସ୍ତ୍ରୀ ସମ୍ପର୍କ:** ମୋ କ୍ୟାରିୟର କ୍ଷେତ୍ରରେ ବାପାଙ୍କ ପରେ ସ୍ୱାମୀଙ୍କର ବହୁତ ସପୋର୍ଟ ରହିଛି। ତାଙ୍କ ବ୍ୟସ୍ତତା ଭିତରୁ ବି ସେ କିଛି ସମୟ ବାହାର କରି ମୋର ଶୁଟିଂ ଓ ରେକର୍ଡିଂକୁ ଯାଇ ମତେ ଏନ୍‌କରେଜ୍ କରନ୍ତି।

**ଅଧିକ କଟକଣା ଭଲ ଲାଗେନା:** ମୋ ହୃଦୟ ଭାରତୀୟ। ସବୁବେଳେ ମୁଁ ଶାଢ଼ି, ସଲ୍‌ୱାର ଭଳି ଭାରତୀୟ ପୋଷାକ ପିନ୍ଧିବାକୁ ଭଲ ପାଏ। ଏମିତିକି ମୋ ବାପା ବି ଭାରତୀୟ ସଂସ୍କୃତିକୁ ବହୁତ ଭଲ ପାଉଥିଲେ ଓ ମତେ କେବେ ଜିନ୍ସ ପିନ୍ଧିବାକୁ ଦେଇ ନ ଥିଲେ। ତେଣୁ ପିନ୍ଧାପିନ୍ଧିରେ ଯଦି ମୋ ଉପରେ କେହି ଆହୁରି ଅଧିକ କଟକଣା ଲଗାଇବାକୁ ଚେଷ୍ଟା କରନ୍ତି ମତେ ଭଲ ଲାଗେନା। ସବୁଠୁ ବଡ କଥା ହେଲା ମୋ ଶାଶୁଘରେ ମୋ ଉପରେ କେବେ କିଛି କଟକଣା ଲଗାଇ ନାହାନ୍ତି। ତେଣୁ ମୁଁ ବହୁତ ଖୁସିରେ ଅଛି। ତା'ସହ ପରିବାରର ସମସ୍ତେ ମତେ ଖୁବ୍ ସହଯୋଗ ବି କରନ୍ତି।

–ଶିବାନୀ ମହାନ୍ତି

**ପ୍ରଭୁ ଶ୍ରୀଜଗନ୍ନାଥ ମୋର ସବୁକିଛି**

ବାପାଙ୍କ ପରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ହିଁ ମୁଁ ମୋର ସବୁକିଛି ଭାବେ। ତାଙ୍କୁ ବହୁତ ଭଲ ପାଏ। ଆଉ ଯେତେବେଳେ ବି ତାଙ୍କୁ ଖୋଜେ ଲାଗେ ସେ ମୋ ପାଖରେ ଅଛନ୍ତି।







# ପଟଚିତ୍ର ଶିଳ୍ପୀ ରଶ୍ମିରଞ୍ଜନ





ଓଡ଼ିଶାର ପାରମ୍ପରିକ କଳା ଓ ପୁରାଣକଥାକୁ ନେଇ ପଟଚିତ୍ର ତିଆରି କରୁଛନ୍ତି ଯୁବଶିଳ୍ପୀ ରଶ୍ମିରଞ୍ଜନ ମହାପାତ୍ର। ଯେଉଁଥିପାଇଁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ରଶ୍ମି ରଞ୍ଜନଙ୍କ ଜନ୍ମ ୧୯୯୩ ମସିହାରେ। ପିତା ଚରଣ ମହାପାତ୍ର। ମା' ମଞ୍ଜୁଲତା । ଘର ଖୋର୍ଦ୍ଧା ଜିଲାର ବେଗୁନିଆ ବ୍ଲକ ଅନ୍ତର୍ଗତ ଦୁର୍ଗାପୁର ଗ୍ରାମପଞ୍ଚାୟତର କରଡ଼ଗାଡ଼ିଆରେ। ସେ କୁହନ୍ତି, ଆମ ପରିବାରର ସମସ୍ତେ ପଟଚିତ୍ର ଓ କାଗଜମୁଖା ତିଆରି କରନ୍ତି। ସେମାନଙ୍କଠାରୁ ଦେଖି ଦେଖି ମୁଁ ବି ଶିଖିଗଲି। ଘରେ ବିଭିନ୍ନ ଚିତ୍ରକୁ ପେନ୍‌ସିଲରେ ଅଙ୍କନ କରୁଥିଲି। ଏମିତିରେ କେତୋଟି ଚିତ୍ର କରିସାରିଲାପରେ ମତେ ବହୁତ ଖୁସୀ ଲାଗୁଥିଲା। ତା'ପରେ ଚିତ୍ରଆଙ୍କିବା ଏକ ଅଭ୍ୟାସ ହୋଇଗଲା। ଭୋଳାନାଥ ଉଚ୍ଚବିଦ୍ୟାଳୟରୁ ୧୦ମ ପାସ କରିଲାପରେ ପ୍ରାଣନାଥ ମହାବିଦ୍ୟାଳୟରେ ପଢ଼ିଲି । ଏହାପରେ ଖୋର୍ଦ୍ଧା ଜିଲା ଗୁଡ଼ମ୍ ଅଞ୍ଚଳର ଜୟଦେବ ସଂସ୍କୃତ ମହାବିଦ୍ୟାଳୟରେ +୩ ପଢ଼ିଲି। ପରେ ରାଜ୍ୟ ହସ୍ତକଳା ବିକାଶ ଅନୁଷ୍ଠାନରୁ ପଟଚିତ୍ରରେ ମାଷ୍ଟର ଡିଗ୍ରୀ ହାସଲ କଲି। ଏବେ କଳିଙ୍ଗ କଲେଜ ଅଫ ଆର୍ଟରେ ଭିଜୁଆଲ ଆର୍ଟ ପଢୁଛି। ପାଠପଢ଼ା ସହିତ ମୁଁ ପଟଚିତ୍ର ଓ କାଗଜ ମୁଖା ବି ତିଆରି କରିଥାଏ। ପଟଚିତ୍ରକୁ କେହି କେହି ତାଳପତ୍ର ଖୋଦେଇକରି ତିଆରି କରିଥାନ୍ତି ତ କିଏ କଟନଶାଢ଼ିକୁ ଚଟାଣରେ ପାରି ତେନ୍ତୁଳିମଣ୍ଡ ଦେଇ ଶୁଖାଇଥାନ୍ତି। ଏହାପରେ ଅଠା ମଣ୍ଡ ଦିଆଯାଇଥାଏ। ପରେ ଖଡ଼ିଗୁଣ୍ଡ ପ୍ରଲେପ ଦିଆଯାଇଥାଏ। ଏହାକୁ ପଲିସ୍ କରିବା ପାଇଁ ଖୁଆପଥରକୁ ଘଷା ଯାଇଥାଏ। ତା'ପରେ ପେନ୍‌ସିଲରେ ସ୍କେଚ କରାଯାଇଥାଏ। ଆବଶ୍ୟକ ଚିତ୍ରକୁ ଅଙ୍କନ କରାଯାଇ ବିଭିନ୍ନ ପ୍ରାକୃତିକ ରଙ୍ଗ ଯେମିତିକି ହେଙ୍ଗୁଳ, ହରିତାଳ, ସଫେଦ, ପିହୁଳୀ, ଖଣ୍ଡନୀଳ, ସିନ୍ଦୂର ଓ କଳାରଙ୍ଗ ପାଇଁ ଡିବି କିମ୍ବା ଦୀପକଳାରେ କଇଁଥ ଅଠା ମିଶାଇ ପ୍ରସ୍ତୁତ କରାଯାଇଥାଏ। ପଟଚିତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କାଞ୍ଚି ଅଭିଯାନ, ଶ୍ରୀକୃଷ୍ଣଙ୍କ କାଳୀୟଦଳନ, ଶ୍ରୀରାମଚନ୍ଦ୍ରଙ୍କ ନୌକାଯାତ୍ରା, ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ, ନର୍ତ୍ତକୀ, ବୋଇତବନ୍ଦାଣ, ରଜଦୋଳି, ଶ୍ରୀଗଣେଶ ଆଦି କରିବା ସହିତ ବିଭିନ୍ନ ପଶୁପକ୍ଷୀଙ୍କ କାଗଜମୁଖା କଳାକୃତି ତିଆରି କରିଥାଏ। ଓଡ଼ିଶା ବ୍ୟତୀତ ମହାରାଷ୍ଟ୍ର, ପୁଣେ, ବେଙ୍ଗାଲୁରୁ, ହାଇଦ୍ରାବାଦ, ତାମିଲନାଡୁ, ଦିଲ୍ଲୀ, ଗୁଜରାଟ ଏବଂ ଆମେରିକାରେ ଆୟୋଜିତ ବିଭିନ୍ନ ଚିତ୍ରଶାଳାରେ ଯୋଗଦେଇ ପଟଚିତ୍ର କଳାକୁ ପ୍ରଦର୍ଶନ କରିପାରିଛି। ଏଥିପାଇଁ କେତେକ ଅନୁଷ୍ଠାନରୁ ପୁରସ୍କୃତ ଓ ସମ୍ମାନିତ ବି ହୋଇଛି। ପଟଚିତ୍ର ତିଆରି ପାଇଁ ଅନେକେ ଅଗ୍ରିମ ବରାଦ ଦେଇଥାନ୍ତି। ଗୋଟିଏ ଗୋଟିଏ ଚିତ୍ରର ମୂଲ୍ୟ ପ୍ରାୟ ୫ଶହଟଙ୍କାରୁ ଆରମ୍ଭକରି ୪୦ହଜାର ଟଙ୍କା ମଧ୍ୟରେ ବିକ୍ରି କରିପାରିଛି। ସେହିପରି କାଗଜମୁଖା ପ୍ରାୟ ୧୫୦ଟଙ୍କାରୁ ଆରମ୍ଭକରି ୭ହଜାର ଟଙ୍କା ଯାଏ ବିକ୍ରି ହୋଇଛି। ଏଥିରେ ଆତ୍ମସନ୍ତୋଷ ମିଳୁଛି।

# କାଙ୍କଣ ଯାଉଥିଲା କାଙ୍କଣକୁଦରୁ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ବଡ଼ ବିଚିତ୍ର। କେବେ ନିଜକୁ ଗୋପନ ରଖନ୍ତି ତ ପୁଣି କେବେ ଭକ୍ତଙ୍କ ସହିତ ଲୁଚିଛପି ଲୀଳାଖେଳା ରଚନ୍ତି। ତେବେ ଚିଲିକାରେ ମହାପ୍ରଭୁଙ୍କ ଲୀଳାସ୍ଥଳୀ ପାଲଟିଥିବା କେତେକ ସ୍ଥାନ ମଧ୍ୟରେ କାଙ୍କଣକୁଦ ଅନ୍ୟତମ। ଦିନଥିଲା, ଏଠାରୁ ଦିନେ ଶ୍ରୀକ୍ଷେତ୍ରକୁ କାଙ୍କଣ ପଠାଯାଉଥିଲା। ମାଦଳାପାଞ୍ଜି ଓ ଇତିହାସରୁ ଜଣାପଡ଼େ ବିଧର୍ମୀ ଶତ୍ରୁଙ୍କ ଦ୍ୱାରା ମହାପ୍ରଭୁଙ୍କ ଅନିଷ୍ଟ ଘଟିବା ପୂର୍ବରୁ ଭକ୍ତମାନେ ମହାପ୍ରଭୁଙ୍କ ଦାରୁବ୍ରହ୍ମ ସୁରକ୍ଷା ନିମନ୍ତେ ଚିଲିକାକୁ ଗୋପନୀୟ ଆଶ୍ରୟସ୍ଥଳୀରୂପେ ବାଛି ନେଇଥିଲେ। ଭାର୍ଗବୀ ନଦୀର ଦୋବନ୍ଧାଘାଟରୁ ଦାରୁବିଗ୍ରହଙ୍କୁ ବଡ଼ପରିଛା ପରମାନନ୍ଦ କୁଆଁର ମହାପାତ୍ର ଓ ସାନପରିଛା ବିଷ୍ଣୁ ପଶ୍ଚିମ କବାଟ ଚିଲିକା ମଧ୍ୟସ୍ଥ କାଙ୍କଣକୁଦରେ ମହାପ୍ରଭୁଙ୍କୁ ନେଇ ସୁରକ୍ଷିତ ଭାବେ ଅବସ୍ଥାନ କରାଇଥିଲେ। ସେତେବେଳେ କାଙ୍କଣକୁଦ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ତେବେ କାଙ୍କଣକୁଦରେ ମହାପ୍ରଭୁଙ୍କୁ ଅବସ୍ଥାନ କରାଯାଇଥିବା ବେଳେ ସେବକମାନେ ନିକଟସ୍ଥ ଯମୁନା-ନିର୍ଝରରୁ ମଧୁର ଜଳ ନେଇ ମହାପ୍ରଭୁଙ୍କ ସେବାରେ ଉପଯୋଗ କରୁଥିଲେ। ଅନ୍ୟପକ୍ଷେ ଏହି କୁଦରେ ପ୍ରଚୁର ପରିମାଣର କାଙ୍କଣ ଫଳୁଥିଲା, ଯାହା ମହାପ୍ରଭୁଙ୍କ ମଣୋହିରେ ଲାଗୁଥିଲା। ଚିଲିକା କାବ୍ୟରେ ଉଲ୍ଲେଖ ରହିଛି-ତରଙ୍ଗବେଷ୍ଟିତ କାଙ୍କଣ ଶିଖରୀ, ଆଦ୍ୟଫଳ ଯା'ର ତରୀ ପୂର୍ଣ୍ଣକରି । ବର୍ଷେବର୍ଷେ ହ୍ରଦ ବିହାରୀ ଧୀବରେ, ଆଦରେ ଫେରନ୍ତି ଲକ୍ଷ୍ମୀ ରୋଷ ଘରେ । ସେତେବେଳେ ଏହି କାଙ୍କଣକୁଦରୁ ଡଙ୍ଗାରେ ଚିଲିକାର ଜଳପଥଦେଇ ପୁରୀକୁ ପ୍ରଚୁର ପରିମାଣର କାଙ୍କଣ ପଠାଯାଉଥିଲା, ଯାହାକି ମହାପ୍ରଭୁଙ୍କ ମଣୋହିରେ ଲାଗୁଥିଲା। କିନ୍ତୁ ସମୟକ୍ରମେ ଏଠାରେ ପୂର୍ବପରି ଆଉ କାଙ୍କଣଲତା ଦେଖିବାକୁ ମିଳିଲା ନାହିଁ। ଅବଶ୍ୟ ଏବେ କେତେଜଣ ଧାର୍ମିକ ତଥା ପରିବେଶପ୍ରେମୀଙ୍କ ଉଦ୍ୟମରେ ଏହି କୁଦରେ କାଙ୍କଣଲତା ଲଗାଇବାର ପ୍ରୟାସ କରାଯାଇଛି। କିନ୍ତୁ ଆଜକୁ ପ୍ରାୟ ୭ଦଶନ୍ଧି ତଳେ ଚିଲିକା ଉପକୂଳବର୍ତ୍ତୀ ବଉଳାବନ୍ଧ ଗ୍ରାମ ତଳବେହେରା ସାହିର ୯୮ ବର୍ଷୀୟ କପିଳ ବେହେରା, ଯେକି ଜାତିରେ କୈବର୍ତ୍ତ, ପିତା ତାଙ୍କର କ୍ଷେତ୍ର ବେହେରା ଓ ମାତା ସେବତୀ ଦେଈ ଚିଲିକାର କାଙ୍କଣକୁଦରୁ କାଙ୍କଣତୋଳି ପୁରୀକୁ ନେଉଥିବା କୁହନ୍ତି। ନିଜ ଅନୁଭୂତି ସମ୍ପର୍କରେ ସେ କୁହନ୍ତି, 'ସେତେବେଳେ ମୋର ବୟସ ପ୍ରାୟ ୧୨କି ୧୩ ବର୍ଷ ହୋଇଥାଏ। ବାପାଙ୍କ ସହିତ ଚିଲିକାକୁ ବାହାଣିରେ (ମାଛଧରିବାକୁ) ଯାଉଥିଲି। ମାତ୍ର ଅନେକ ସମୟରେ କାଙ୍କଣକୁଦକୁ ଯାଇ କାଙ୍କଣ ତୋଳୁଥିଲୁ। ଆମ ସହିତ ଗ୍ରାମର ଅନ୍ୟ କେତେଜଣ ସାଙ୍ଗ ମଧ୍ୟ କାଙ୍କଣ ତୋଳିବାକୁ ଆସୁଥିଲେ। କିନ୍ତୁ ସମସ୍ତେ ଭକ୍ତି ଭାବରେ କାଙ୍କଣ ତୋଳିବାରେ ଲାଗି ଯାଉଥିଲୁ। ତୋଳିଥିବା କାଙ୍କଣକୁ ଡଙ୍ଗାରେ ଭରି ପୁରୀକୁ ନେଉଥିଲୁ। ଚିଲିକାପଥରେ ଡଙ୍ଗାଯାଇ ପୁରୀର ମଙ୍ଗଳାଘାଟ ନଈରେ ପହଞ୍ଚୁଥିଲା । ପୁଣି କେବେ ବୋରକୁଦରେ ପହଞ୍ଚୁଥିଲୁ। ପୂର୍ବ ଯୋଜନା ଅନୁଯାୟୀ ସେଠାରେ ଶଗଡ଼ ଆସି ପହଞ୍ଚି ଯାଇଥାଏ। ତାପରେ ଡଙ୍ଗାରୁ ଶଗଡ଼କୁ କାଙ୍କଣବୋଝ ଲଦାଯାଉଥିଲା। ପରେ ଏଠାରୁ ସ୍ଥଳପଥରେ କାଙ୍କଣବୋଝେଇ ଶଗଡ଼କୁ ଶ୍ରୀକ୍ଷେତ୍ର ଧାମର ଶ୍ରୀଜଗନ୍ନାଥବଲ୍ଲଭ ମଠରେ ପହଞ୍ଚା ଯାଉଥିଲା। ଭକ୍ତଙ୍କ ଦ୍ୱାରା ଆସିଥିବା କାଙ୍କଣ ମହାପ୍ରଭୁଙ୍କ ମଣୋହିରେ ଲାଗୁଥିଲା। ମାନଗୋବିନ୍ଦ ସେଠୀ, ବୁଧିଆ ପ୍ରଧାନ, ରାମଚନ୍ଦ୍ର ବେହେରା ପ୍ରମୁଖ ଏକାଠି ହୋଇ ଭକ୍ତିର ସହିତ କୁଦରୁ କାଙ୍କଣ ତୋଳୁଥିଲୁ। ହେଲେ ସେମାନେ ଆଜି ନାହାନ୍ତି କି କୁଦରେ ସେଦିନର ସେଇ କାଙ୍କଣଲତା ନାହିଁ। କି କାଙ୍କଣକୁଦରୁ ପୂର୍ବପରି ଶ୍ରୀକ୍ଷେତ୍ରକୁ କେହି କାଙ୍କଣ ନେଉଛନ୍ତି କି ନା ତାହା ମୋତେ ଜଣା ନାହିଁ।

-ବନବିହାରୀ ବେହେରା





# ବାହୁଡ଼ାଖୁସି

**-ମନୀଷା ପଣ୍ଡା ରୁଚିରା**

ସବୁବେଳେ ରାଗରେ ଗରଗର ହେଉଥିବା ନନା ମୋର ଚାଲିଲେ ଠାକୁରଘର ଆଡ଼କୁ। ଜଗନ୍ନାଥଙ୍କ ଘଣ୍ଟଘଣ୍ଟା, ଶଙ୍ଖ, ଭୋଗ ଥାଳିଆ, ସବୁ କାଠବାକ୍ସ ଭିତରେ ଗଦେଇ ଦେଇ, ତିନି ଠାକୁରଙ୍କୁ ବୋଉର ପେଡ଼ିଲୁଗାରେ ଗୁଡ଼େଇ ମାଡ଼ିଦେଲେ ଟ୍ରଙ୍କ୍ ଭିତରେ। ପଇତାରୁ ଚାବିକାଠି ଖୋଲି ଠୁଙ୍କିଲେ ତାଲା। ରାଗରେ ଗରଗର ହୋଇ କହୁଥିଲେ କ'ଣ କ'ଣ ସବୁ। ଖାଲି ଯାହା ସେଥିରୁ ପଦେ ଶୁଣିଲି, ''ଯେ କୁଆଡ଼େ ଭାବଗ୍ରାହୀ। ରଖ ତୋ ପ୍ରଭୁପଣିଆ ତୋ'ରି ପାଖରେ। ତୋତେ ଖାତିର୍ କରୁଥିବାରୁ ଏତେ ଗଉଁ ତୋର ।''

ନାନୀ ଆଉ ମୁଁ ତାଜୁବ୍। ସକାଳୁ ଭାବିଥିଲୁ ଆଜି ବାହୁଡା ଦଶମୀର ଦିଅଁ ପୂଜା ଯୋଗାଡ଼ କରିଦେବୁ ଠିକ୍ ଯେମିତି ଫି ବର୍ଷ ବୋଉ ଆମର କରେ। ହେଲେ ନନାଙ୍କ ଆଗରେ କଥା କହିବାର ସାହସ ଆମର କୁଆଡ଼େ ଅଛି ଯେ ମୁହଁ ଖୋଲିବୁ ? ଏ ଭାଇନା ବି ଏତେ ବେଳକୁ ନାହାନ୍ତି। କୌଣସି ଘଟଣା ନନାଙ୍କ କାନରେ ପକେଇବାକୁ ଥିଲେ ଭାଇନା ହିଁ ଏକମାତ୍ର ସୂତ୍ରଧର। ବୋଉ ବି କେବେ କେବେ ଭାଇନାର ସାହାଯ୍ୟ ନେଉଥିଲା ନନାଙ୍କୁ ପଟେଇବା ପାଇଁ କି କୋଉ କଥାରେ ରାଜି କରେଇବା ପାଇଁ। ଆଜି ଠାକୁର ଘରଟି ଖାଲି କରି ନନା ବସି ଗଲେ ଦୁମ୍ କରି ଦାଣ୍ଡପଟ ଖଟିଆ ଉପରେ। ଆମେ ଦୁଇ ଭଉଣୀ ମୁହଁ ପୋତି ବାଧ ହୋଇ ଯିଏ ଯାହା ବାଟରେ ଗଲୁ ଘର ଭିତରକୁ। ବୋଉ ଆରପାରିକୁ ଅକାଳରେ ଯିବାଟା ଆଜିକୁ ପନ୍ଦର ଦିନ । ନନାଙ୍କ ମନକୁ ଖୁବ୍ ଆଘାତ ଦେଇଛି ବୋଉର ଏଇ ଚାଲିଯିବାଟା । ଗୁଣ୍ଡିଚାରେ ଦେହ ଅଶୁଦ୍ଧି ଯୋଗୁ ଠାକୁର ଘରେ ପଶି ହୋଇ ନ ଥିଲା । ଆଜି ନନାଙ୍କ ମୁଣ୍ଡକୁ ପିତ୍ତ ଉଠିଛି । ମାତ୍ର ପନ୍ଦରଟା ଦିନରେ କିଏ କ'ଣ ଭୁଲି ପାରେ ପଇଁତିରିଶ ବର୍ଷର ଯୋଡ଼ା ଜୀବନ! ବୋଉ ଆଉ ନନା ଏକାଠି ଦିଅଁ ପୂଜା କରନ୍ତି। କାଳିଅନ୍ଧାରରୁ ଆମେ ବିଛଣା ଛାଡ଼ି ନ ଥାଉ, ବୋଉ ଠାକୁର ବାସନ ଧୋଇଧାଇ ଛଡ଼ାଫୁଲ କାଢ଼ି ଆଣେ ଦିଅଁଙ୍କ ପାଦତଳୁ। ସଜାଡି ଦିଏ ଧୂପ ଦୀପ ନୈବେଦ୍ୟ କେତେ ନିତିକାନ୍ତିରେ। ନନା ଶ୍ଳୋକ ସ୍ତବ ଗାଇ ପୂଜନ୍ତି ଠାକୁରଙ୍କୁ। ବୋଉ ମନରେ କେବେଠୁଁ ସରାଗ ନ ଥିଲା । ସାତବର୍ଷ ବାହାଘର ପରେ ବି ନାତି ନାତୁଣୀଟିଏ ପାଇଁ ନନା ବୋଉ ଖୁବ୍ ଡହଳବିକଳ ହଉଥିଲେ ପ୍ରଭୁଙ୍କ ଆଗରେ। ଭାଇନା ଭଲ । ଭାଉଜ ଆହୁରି ଭଲ । ଡାକ୍ତର କହିବାରେ କିଛି ସମସ୍ୟା ନାହିଁ କିନ୍ତୁ ଛୁଆପିଲା ବକଟେର ଦେଖା ନାହିଁ । ବୋଉ କୁହେ ,'ମୋ କୁଳ ରଖ ପ୍ରଭୁ ଏତିକି ମାଗୁଣି'। ହେଲେ ବୋଉ ତା'ମନ କଥା ମନରେ ନେଇ ଅବେଳରେ ବାହୁଡ଼ିଗଲା ଆମକୁ ଛାଡ଼ି ହୃଦ୍‌ଘାତରେ। ବୋଉ ଯିବା ପରେ ନନା ଅଭିମାନରେ ଆଡ଼ ଆଖିରେ ସୁଦ୍ଧା ଅନାଉ ନାହାନ୍ତି ଦିଅଁଘର ଆଡ଼େ। ଏମିତି ବି ଅଶୌଚ ଲାଗି ବନ୍ଦ ଥିଲା ଦୁଆର ତଥାପି ତା' ପର ଦିନ ଗୁଡ଼ାକ ବି ଅପୂଜା ଅଛନ୍ତି ଠାକୁର। ନାନୀ ରୋଷେଇ ଘରେ ପରିବା କାଟୁଥାଏ ସୁଁ ସୁଁ ହୋଇ, ମୁଁ ବୋଉର ପୁରୁଣା ଟ୍ରଙ୍କ ପାଖରେ ବସି ମୋ ବୋଉକୁ ମନେପକାଉଥାଏ । କାଲି ରାତିରୁ ଜ୍ୱର ବାନ୍ତିରେ ପଡ଼ିଥିବା ଭାଉଜଙ୍କୁ ନେଇ ଭାଇନା ନେଇକି ଯାଇଛନ୍ତି ଡାକ୍ତରଖାନା। ବୋଉ ଯିବା ପରଠୁ ଅଖିଆଅପିଆ ଏପଟ ସେପଟ ହୋଇ ଭାଉଜଙ୍କ ଦେହ ବିଗିଡ଼ି ଯାଇଛି। ଦୁଃଖ ଆସିଲେ ସାଙ୍ଗସାଥୀ ହୋଇ ଆସନ୍ତି। ନନା ସହି ପାରିନାହାନ୍ତି ଏଇ ବୟସରେ। ପିଢ଼ା ପକାଇ ନନା ଡାକ ଛାଡ଼ିଲେ ତାଙ୍କ ପାଇଁ ଖାଇବା ବାଢ଼ିବାକୁ। ନନା ସବୁ ବର୍ଷ ଏ ବାହୁଡ଼ା ଦଶମୀ ଦିନରେ ଦିଅଁଙ୍କ ଖେଚୁଡ଼ି ଭୋଗଖାଇ ରହନ୍ତି ଦିନଟି ସାରା । ହେଲେ ଆଜି ତାଙ୍କ ଖାଇବା ଜିଦି ଦେଖି ଆମେ ଦୁଇ ଭଉଣୀ ମୁହଁ ଚହାଁଚହିଁ ହେଲୁ । ରୋଷେଇ ଅଧା ସରିନି । ଯାହାହେଉ ଆମେ କିଛି କହିବା ପୂର୍ବରୁ ଠିକ୍ ବେଳେ ଭାଇନା ଆସି ପହଞ୍ଚିଲେ ଭାଉଜଙ୍କୁ ନେଇ। ନନା ପିଢ଼ା ଉପରେ ପାଣି ଢାଳଧରି ବସିଥାନ୍ତି ସେଇମିତି। ଭାଉଜ ସିଧା ଦାଣ୍ଡ ଆଡୁ ଆସି ମୁଣ୍ଡରେ ଓଢ଼ଣା ଟାଣି ମୁରୁକି ହସି ନନାଙ୍କୁ ମୁଣ୍ଡିଆ ମାରିଲେ । ଭାଇନା ଗମ୍ଭୀର ଲୋକ । ଏତିକି କହିଲେ, 'ନନା ! ଡାକ୍ତର କହିଲେ ବୋଉ ଫେରୁଛି ପୁଣି ଆମ ଘରକୁ'।

ଆମ ନନାଙ୍କ ଖୁସି ଦେଖେ କିଏ ? କୋଟିନିଧି ପାଇଗଲେ କି ଆଉ । ଧାଇଁ ଯାଇ ବୋଉର ଫଟୋ ପାଖରେ କଇଁ କଇଁ ହୋଇ ପିଲାଙ୍କ ଭଳି କାନ୍ଦିଲେ । କାନ୍ଦି କାନ୍ଦି କହିଲେ, ସତରେ ତୁମେ ଆସୁଛ ? ଠକି ଦେବନି ତ ? ପୁଣି ପାଗଳ ଭଳି ଧାଇଁଲେ ପୂଜାଘର ଆଡ଼କୁ। ଦିଅଁଙ୍କ ସିଂହାସନ ଅଣ୍ଡାଳି ପକାଇ କହୁଥିଲେ, ''ମୁଁ ଚଣ୍ଡାଳ, ଅଭିମାନରେ ଆଜି ପରା ଦିନରେ କି କାଣ୍ଡ ନ ଭିଆଇଲି ?'' ନନାଙ୍କ ସହ ଆମେ ସମସ୍ତେ ଭିଜୁଥିଲୁ ବୋଉର ବାହୁଡ଼ି ଆସିବା ଖୁସିରେ।

*-ଅଙ୍କରାନ୍ତିପୁର, ସିମିନଇ, ଢେଙ୍କାନାଳ, ମୋ : ୮୨୪୯୬୮୬୦୯୩*



# ବରଷା

**-ସୁରଞ୍ଜନ ପାତ୍ର**

ଏ ବରଷା କେବେ ନିଆଁହୋଇ ଝରେ
ଝରେ କେବେ ଫୁଲହୋଇ
ଏ ବରଷା କେବେ ଦୁଇଦେହ ଦେଇ
ବୋହିଯାଏ ନଈହୋଇ ।

ଏଇ ବରଷାର ପାଉଁଜିର ସ୍ୱର
ଆନମନା ମୋତେ କରେ
ଉଜୁଡ଼ା ମନ ମୋ ସଦା ତା' ପାଇଁ
ଆରାଧନା ନିତିକରେ ।

ଏ ବରଷା ପାଇଁ ସିନା ଏ ପୃଥିବୀ
ବଜାଉଛି ସାହାନାଇ
ଏ ବରଷା କେବେ ନିଆଁହୋଇ ଝରେ
ଝରେ କେବେ ଫୁଲହୋଇ ।
ଅନେକ ସ୍ମୃତିର ବାରତାକୁ ନେଇ
ଏ ବରଷା ନାଚିଉଠେ
ଏଇ ବରଷାର ଓଠର ଛୁଆଁରେ
ନିଦାଘେ ବି ଫୁଲ ଫୁଟେ ।

ମାଟି ଆକାଶର ଆଖିରେ ଯେ ଆଜି
ଖୁସି ଏ ବରଷା ପାଇଁ
ଏ ବରଷା କେବେ ନିଆଁହୋଇ ଝରେ
ଝରେ କେବେ ଫୁଲହୋଇ ।

*-ନୂଆଗାଁ,ଶିଙ୍ଗାଖୁଣ୍ଟା,ସୋର ବାଲେଶ୍ୱର*
*ମୋ : ୮୧୧୭୮୦୫୯୫୯*

# ପ୍ରୀତି ପୁଲକ

**-ସୁବ୍ରତ କୁମାର ଜେନା**

ବର୍ଷା ଆସେ, ମାଟି ହସେ
ମହକେ ପୁଲକ ବାସ ।
ରାତି ବିତେ, ସ୍ୱପ୍ନ ସାଥେ
ଭରେନି ମନର ଶୋଷ ।
ଦେହେ ତାତି, ଦୂରେ ପ୍ରୀତି
କାହିଁକି ଏତେଯେ ରୋଷ ।
ଅମା ରାତି, କରି ଇତି
ଭୁଲାଇ ଦିଅଗୋ ଦୋଷ ।

*-ଶୁରଡିହ, ନନ୍ଦିପୁର, ଯାଜପୁର*
*ମୋ: ୯୭୭୬୨୦୮୯୩୦*


'ହେରା ଫେରି' ଫିଲ୍ମରେ (ବାମରୁ) ସୁନୀଲ ସେଟ୍ଟି, ପରେଶ ରାଓ୍ବଲ, ଅକ୍ଷୟ କୁମାର

# ୧୬ ବର୍ଷ ପରେ...

ଥରେ ମନେ ପକାନ୍ତୁ ନା କମେଡିଭିତ୍ତିକ ଫିଲ୍ମ 'ହେରା ଫେରି'କୁ। ଏହି ଫିଲ୍ମରେ ଅକ୍ଷୟ କୁମାର, ସୁନୀଲ ସେଟ୍ଟି ଏବଂ ପରେଶ ରାଓ୍ବଲଙ୍କ ରୋଲ୍ ଦର୍ଶକଙ୍କୁ ହସେଇ ହସେଇ ବେଦମ କରିଥିଲା। ଏହାର ସଫଳତା ପରେ ପ୍ରଯୋଜକ ଫିରୋଜ ନାଦିଆଦୱାଲା ୨୦୦୬ରେ ଏହାର ସିକୁଏଲ 'ଫିର୍ ହେରା ଫେରି' ନିର୍ମାଣ କରିଥିଲେ। ଆଉ ଏହାର ୧୬ ବର୍ଷ ପରେ ଏହି ଫିଲ୍ମର ପାର୍ଟ-୩ ପ୍ରସ୍ତୁତ ହେବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି। ଖାସ୍ କଥା ହେଲା, 'ହେରା ଫେରି-୩' ଟାଇଟଲ ବିଶିଷ୍ଟ ଏହି ଚିତ୍ରରେ ପୁଣି ଥରେ ଅକ୍ଷୟ କୁମାର-ସୁନୀଲ ସେଟ୍ଟି-ପରେଶ ରାଓ୍ବଲ ଯୋଡିକୁ ଦେଖିବାକୁ ମିଳିବ। କେବଳ ଏହାର କାହାଣୀକୁ ଏପରି ରୂପରେଖ ଦିଆଯାଉଛି ଯେ ଦର୍ଶକ ଏଥିରୁ ଶତ ପ୍ରତିଶତ କମେଡି ଫ୍ଲେଭର ପାଇବେ। ଏ ନେଇ ଅକ୍ଷୟ କହନ୍ତି, 'ହେରା ଫେରି'ର ପାର୍ଟ-୩ ନିର୍ମାଣ କରାଯିବା ନିଶ୍ଚୟ ଏକ ଖୁସିର କଥା। ସବୁଠାରୁ ବଡ କଥା ହେଲା ଯେ ଆମ ତିନି ଜଣ (ଅକ୍ଷୟ, ସୁନୀଲ, ପରେଶ)ଙ୍କୁ ପୁଣି ଥରେ ପ୍ରଯୋଜକ ରିପିଟ୍ କରୁଛନ୍ତି। ଏଥର ଆମକୁ ଯେଉଁ ଦାୟିତ୍ୱ ଦିଆଯିବ ତାହାକୁ ଠିକ୍ ଭାବରେ ତୁଲାଇବୁ। ପୂର୍ବ ଫିଲ୍ମଗୁଡିକ ପରି ଏହି ଚିତ୍ରଟି ଦର୍ଶକଙ୍କୁ ଏଣ୍ଟରଟେନ କରିବ ବୋଲି ମୋର ଆଶା ରହିଛି।'

# ସାବଧାନ, ଦରୋଗା ଆସୁଛନ୍ତି

ଦିନ ଥିଲା ସଞ୍ଜୟ ଦତ୍ତଙ୍କୁ ଦର୍ଶକ ରୋମାଣ୍ଟିକ ଭୂମିକାରେ ଦେଖିବାକୁ ପାଉଥିଲେ। ହେଲେ ଏବେ ସେ ଭିନ୍ନ ଭିନ୍ନ ନୂଆ ଗେଟ୍ଅପ୍‌ରେ ଆସୁଛନ୍ତି। ଏବେ ରିଲିଜ ଅପେକ୍ଷାରେ ଥିବା ଫିଲ୍ମ 'ସମଶେରା'ରେ ତାଙ୍କର ଭୂମିକା ଏବଂ ଗେଟଅପକୁ ନେଇ ଚର୍ଚ୍ଚା। ଏହି ଫିଲ୍ମରେ ତାଙ୍କର ଭୂମିକାଟି ହେଲା ଦରୋଗା ଶୁଦ୍ଧ ସିଂ। ତାଙ୍କର ପ୍ରଥମ ପୋଷ୍ଟର ରିଲିଜ ହେବା ପରେ ତାହା ବେଶ୍ ଭାଇରାଲ ହୋଇଛି। ଉକ୍ତ ସିନେମାରେ ସଞ୍ଜୟଙ୍କୁ ଖଳନାୟକ ଭାବରେ ଦେଖିବାକୁ ମିଳିବ। ତାଙ୍କର ପୋଷ୍ଟର ରିଲିଜ ସମୟରେ ଏଥିରେ ଏକ କ୍ୟାପସନ 'ଇଭିଲ୍ ନେଭର୍ ଲୁକଡ୍ ଦିସ୍ ଗୁଡ୍-ଦରୋଗା ଶୁଦ୍ଧ ସିଂ' ଉଲ୍ଲେଖ କରାଯାଇଥିଲା, ଯାହାକୁ ମଧ୍ୟ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ଯଶରାଜ ଫିଲ୍ମସ ବ୍ୟାନରରେ ଏହାର ପ୍ରଯୋଜନା ଆଦିତ୍ୟ ଚୋପ୍ରା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି କରନ୍ ମଲହୋତ୍ରା। ଫିଲ୍ମଟିର ମୁଖ୍ୟ ଭୂମିକାରେ ରଣବୀର କପୁର ଏବଂ ବାଣୀ କପୁରଙ୍କୁ ଦେଖିବାକୁ ମିଳିବ। ଚିତ୍ରଟି ଚଳିତ ମାସ ୨୨ରେ ପରଦା ଉପରକୁ ଆସିବ।


'ସମଶେରା' ଫିଲ୍ମରେ ସଞ୍ଜୟ ଦତ୍ତ


ଜ୍ୟାକ୍ଲିନ୍

# ଶୁଭ ଦିନକୁ ଅପେକ୍ଷା

ଜ୍ୟାକଲିନ୍ ଫର୍ନାଣ୍ଡିସ୍ ସେହି ଶୁଭ ଦିନକୁ ଅପେକ୍ଷା କରିଛନ୍ତି। ହେଲେ ସେଦିନ ଏମିତି କ'ଣ ହେବ ଯେ, ତାହାକୁ ସେ ବେଶ୍ ଉତ୍କଣ୍ଠାର ସହ ଚାହିଁ ରହିଛନ୍ତି ? କଥା କ'ଣ କି ସେ ଅଭିନୟ କରିଥିବା ନୂଆ ସିନେମା 'ବିକ୍ରାନ୍ତ ରୋଣା' ଚଳିତ ମାସରେ ରିଲିଜ ହେବାକୁ ଯାଉଛି। ଯେତେବେଳେ ଏହାର ମୁକ୍ତିଲାଭ ତାରିଖ (ଜୁଲାଇ ୨୮)ର ଘୋଷଣା ହେଲା ସେତେବେଳେ ତାଙ୍କର ଖୁସି କହିଲେ ନ ସରେ। ଏ ନେଇ ଜ୍ୟାକଲିନ୍ କହନ୍ତି, 'ଏହି ଫିଲ୍ମରେ ଦର୍ଶକ ମୋତେ ଏକ ଭିନ୍ନ ଭୂମିକାରେ ଦେଖିବାକୁ ପାଇବେ। କେବଳ ସେତିକି ନୁହେଁ, ଏହି ରୋଲ୍ ମୋ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି। ଆଉ ଏକ କଥା। ଏବେ ମୁଁ ବିକିନୀ ପିନ୍ଧିବା କଥାକୁ ନେଇ ବେଶ୍ ଆଲୋଚନା ଚାଲିଛି। ତେବେ ଏତେ କାହିଁକି ଚର୍ଚ୍ଚା ହେଉଛି ତାହା ମୁଁ ଜାଣିପାରୁନି। କେହି କେହି କହୁଛନ୍ତି ଯେ, ଚର୍ଚ୍ଚାରେ ରହିବାକୁ ମୁଁ ଏପରି କଷ୍ଟ୍ୟୁମ ପିନ୍ଧିଛି। ହେଲେ ସେପରି ଯୁକ୍ତି ପଛରେ ଆଦୌ ସତ୍ୟତା ନାହିଁ। କେତୋଟି ଫଟୋ ଶୁଟ୍ ପାଇଁ ମୁଁ ବିକିନି ପିନ୍ଧିଥିଲି। ଏହାକୁ ନେଇ ଏତେ ଆଲୋଚନା ହେବା ଠିକ୍ ନୁହେଁ ବୋଲି ମୁଁ କହିବି।' ତେବେ 'ବିକ୍ରାନ୍ତ ରଣା' ଫିଲ୍ମଟି ଜ୍ୟାକ୍ଲିନ୍‌ଙ୍କ କ୍ୟାରିୟର ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ରିଲିଜ ପରେ ହିଁ ଜଣାପଡିବ।

# ଶ୍ରୀତମଙ୍କ ଖୁସି



ଅଭିନେତା-କମ୍-ନିର୍ଦ୍ଦେଶକ ଶ୍ରୀତମ ଦାସ ଏବଂ 'ସାବିତ୍ରୀ'। ଏହାର ଏକ ସଂଯୋଗ ରହିଛି। କାରଣ ବାସୁଦେବ ତ୍ରିପାଠୀଙ୍କ ପ୍ରଯୋଜିତ ଏହି ଫିଲ୍ମରୁ ସେ ନିଜର ଓଡ଼ିଆ ସିନେମା କ୍ୟାରିୟର ଆରମ୍ଭ କରିଥିଲେ। ଏବେ ସେ ଏକ ଫିଲ୍ମର ନିର୍ଦ୍ଦେଶନା ଦେବାକୁ ଯାଉଛନ୍ତି। ନାରୀଭିତ୍ତିକ ଏକ କାହାଣୀକୁ ନେଇ ଏହାର ନିର୍ମାଣ କରାଯାଉଛି, ଯାହାର ଟାଇଟଲ ରହିଛି 'ସାବିତ୍ରୀ'। ତେବେ ଏପରି ଏକ ସୁଯୋଗ ପାଇବା ପରେ ଶ୍ରୀତମଙ୍କ ଖୁସି କହିଲେ ନ ସରେ। ଏହି ଫିଲ୍ମର ସେ ନିର୍ଦ୍ଦେଶକ ସାଜିବା ସହ ସେଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ମଧ୍ୟ ଅଭିନୟ କରୁଛନ୍ତି। ସସ୍ମିତା ତିଆଡିଙ୍କ ପ୍ରଯୋଜିତ ଏହି ଚିତ୍ରରେ ତପି ମିଶ୍ରଙ୍କୁ ମଧ୍ୟ ଦେଖିବାକୁ ମିଳିବ । ଏହାର ସଂଳାପ ରଚନା କରିଛନ୍ତି ଓଡ଼ିଆ ସିନେମା ଜଗତର ଆଗଧାଡିର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ନାରୀଭିତ୍ତିକ କାହାଣୀକୁ ଆଧାର କରି ସେ ଏହାପୂର୍ବରୁ 'ଝିଅଟା ବିଗିଡି ଗଲା', 'ଅରୁନ୍ଧତୀ', 'ଚାମ୍ପିୟନ', ନିକଟରେ ଶୁଟିଂ ଶେଷ ହୋଇଥିବା 'ଉଦଣ୍ଡୀ ସୀତା'ର ସଂଳାପ ରଚନା ରଚନା କରିସାରିଛନ୍ତି।

# କଥା ରଖିଲେ କ୍ରିତି

କ୍ରିତି ସାନନ୍ ଯାହା କହିଥିଲେ ତାହା ପୂରଣ କରିଛନ୍ତି। କଥା କ'ଣ କି କୋଭିଡ୍ ମହାମାରୀ ପାଇଁ ତାଙ୍କର ଏକ ଫିଲ୍ମର ଶୁଟିଂ ଅଧାରୁ ବନ୍ଦ ଥିଲା। ପ୍ରାୟ ଦୁଇ ବର୍ଷ ପରେ ଏହାର ଶୁଟିଂ ପୁଣି ଥରେ ଆରମ୍ଭ ହୋଇଛି। ତେଣୁ ଏହି ଖୁସିରେ ସେ ନିଜ ସାଙ୍ଗମାନଙ୍କୁ ଏକ ଡିନର ପାର୍ଟିରେ ଆପ୍ୟାୟିତ କରିଥିଲେ। ସାଙ୍ଗମାନଙ୍କୁ କ୍ରିତି ଡିନର ପାଇଁ ଇନଭାଇଟ୍ କରିବା ସମୟରେ ଏହାର କାରଣ କିଛି କହି ନ ଥିଲେ। ସେମାନେ ନିର୍ଦ୍ଦିଷ୍ଟ ହୋଟେଲରେ ପହଞ୍ଚିବା ପରେ ସେ ଡିନର ପାର୍ଟିର କାରଣ ବିଷୟରେ ସୂଚନା ଦେଇଥିଲେ। ଏ ସମ୍ପର୍କରେ କ୍ରିତି କହନ୍ତି, 'ମୋର ଏହି ଡିନର ପାର୍ଟି ଆୟୋଜନ ପଛରେ ଦୁଇଟି କାରଣ ଥିଲା। ଗୋଟିଏ ହେଲା, ମୋର ଅଧା ହୋଇ ପଡି ରହିଥିବା ଗୋଟିଏ ଫିଲ୍ମର ଶେଷ ପର୍ଯ୍ୟାୟ ଶୁଟିଂ ଆରମ୍ଭ ହୋଇଯାଇଛି। ଅନ୍ୟଟି ହେଲା, ନିକଟରେ ମୁଁ ଗୋଟିଏ ନୂଆ ବ୍ୟାନରରେ ନିର୍ମିତ ହେବାକୁ ଯାଉଥିବା ତିନୋଟି ଫିଲ୍ମରେ ଅଭିନୟ କରିବାକୁ ରାଜି ହୋଇଛି। ହେଲେ ଏଥିପାଇଁ ମୁଁ ମୋ ପାରିଶ୍ରମିକ ବଢ଼ାଇ ଦେଇଛି ବୋଲି ଯାହା ଆଲୋଚନା ହେଉଛି ତାହା ସମ୍ପୂର୍ଣ୍ଣ ମିଛ। ବର୍ତ୍ତମାନ ମୋର ରେମ୍ୟୁନିରେଶନ ବଢ଼ାଇବାର କୌଣସି ଯୋଜନା ନାହିଁ। ତେବେ ଏହି ଫିଲ୍ମ ତିନୋଟିର ଶୁଟିଂ ଗୋଟିଏ ପରେ ଗୋଟିଏ ହେବ।'


ରିଚା

# ମେକ୍‌ଅପ୍ ନେବା ପରେ...

ରିଚା ଚଢ଼ା ନିକଟରେ ଏମିତି ଭାବପ୍ରବଣ ହୋଇପଡିଲେ ଯେ, ତାଙ୍କ ଆଖିରୁ ଦୁଇଟୋପା ଲୁହ ଗଡିପଡିଲା। କଥା କ'ଣ କି ସେ ଏବେ ଅନଟାଇଟଲଡ ଫିଲ୍ମର ନାୟିକା ଭୂମିକାରେ ଅଭିନୟ କରୁଛନ୍ତି। ଜଣେ ଗାଉଁଲି ନାରୀର ସଂଘର୍ଷମୟ ଜୀବନୀକୁ ନେଇ ଏହାର କାହାଣୀ ଗତିଶୀଳ। ତେବେ ଏଭଳି ଗାଉଁଲି ମହିଳା ମେକ୍‌ଅପ୍ ପରେ ରିଚା ଯେତେବେଳେ ଆଇନା ସାମନାରେ ଛିଡା ହେଲେ ସେତେବେଳେ କାନ୍ଦି ପକାଇଥିଲେ। ହେଲେ କାହିଁକି ଜାଣନ୍ତି ? ଏନେଇ ରିଚା କ'ଣ କହନ୍ତି ଜାଣିବେନି ? ସେ କୁହନ୍ତି, 'ଏହି ଫିଲ୍ମର କାହାଣୀ ଶୁଣିବା ସମୟରେ ମୋ ଆଖିରେ ଲୁହ ଆସିଯାଇଥିଲା। ଯେତେବେଳେ ଏହାର ଶୁଟିଂ ଆରମ୍ଭ ହେଲା ଆଉ ମୁଁ ମେକଅପ ନେଇ ଗ୍ରୀନ୍ ରୁମ୍‌ରେ ଲାଗିଥିବା ମିରର ସାମନାରେ ଠିଆ ହେଲି ସେତେବେଳେ ମୋ ମନର କୋହକୁ ଅଟକାଇ ପାରି ନ ଥିଲି। ମୋ ଆଖିରୁ ଖୁସିରେ ଦୁଇ ଟୋପା ଲୁହ ଗଡି ପଡିଥିଲା। ଆଗକୁ ଏପରି କାହାଣୀକୁ ନେଇ ନିର୍ମିତ ଆଉ କିଛି ଫିଲ୍ମରେ ଯଦି ଅଭିନୟ କରିବାକୁ ଅଫର ମିଳେ ତେବେ ମନା କରିବି ନାହିଁ ।'


କ୍ରିତି

## ପ୍ରଥମ ରୋଜଗାର

# ପାରିଶ୍ରମିକ ଟଙ୍କାରେ ବହି କିଣିଥିଲି



**ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଯୁବ ବିଜ୍ଞାନୀ ତଥା ବିଜ୍ଞାନ ସଂଚାରକ, ପରିବେଶବିତ୍ ଓ ଲେଖକ ବିରାଟ ରାଜା ପଧାନ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

......................

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଅନ୍ତର୍ଗତ ପଣ୍ଡରୀ ଗ୍ରାମ ପଞ୍ଚାୟତର ବେଙ୍କମୁରା ଗାଁରେ ମୋର ଜନ୍ମ। ପ୍ରାଥମିକ ଶିକ୍ଷା ଗାଁ ସ୍କୁଲ୍‌ରେ। ସେତେବେଳେ ଆମ ବିଦ୍ୟାଳୟର ଶିକ୍ଷକ ଥିଲେ ସୁରେଶ ଚନ୍ଦ୍ର ଖମାରୀ। ତାଙ୍କରି ତତ୍ତ୍ୱାବଧାନରେ କେବଳ ଜଣେ ଶିକ୍ଷକରେ ଆମେ ବେଶ୍ ଆରାମରେ ପାଠ ପଢୁଥିଲୁ। ପରେ ପଣ୍ଡରୀ ଉଚ୍ଚ ବିଦ୍ୟାଳୟରୁ ଦଶମ ପାସ୍ କରି ମାଣିକେଶ୍ୱରୀ ମହାବିଦ୍ୟାଳୟ, ଗଡ଼ତୁମୁଲିଆରେ ଯୁକ୍ତ ଦୁଇ ବିଜ୍ଞାନ ପଢ଼ିଥିଲି। କ୍ରମେ ପ୍ରାଣୀବିଜ୍ଞାନରେ ଏମ୍.ଫିଲ୍. ଡିଗ୍ରୀ ହାସଲ କଲି। ତା'ପରେ ରେମଣ୍ଡା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲି। ସେତେବେଳେ ଖୁବ୍ କମ୍ ଦରମା ମିଳୁଥିଲା। ଯାହା ବି ମିଳୁଥିଲା, ସେସବୁ ବହିପତ୍ର କିଣିବାରେ ଖର୍ଚ୍ଚ ହୋଇଯାଉଥିଲା। ତଥାପି ଶିକ୍ଷକତା କରିବାରେ ଶ୍ରଦ୍ଧା ଥିବାରୁ ସେଥିରେ ମଜ୍ଜି ଯାଇ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ବ୍ୟାପକ ବିକାଶ ଦିଗରେ କାର୍ଯ୍ୟକରିବା ସହ ଛାତ୍ରୀଛାତ୍ରଙ୍କୁ ସର୍ବଗୁଣସମ୍ପନ୍ନ କରିବାରେ ନିଜକୁ ପୂରା ହଜାଇ ଦେଇଥିଲି। ତା' ସହିତ ବି.ଏଡ୍. ଡିଗ୍ରୀ ବି ହାସଲ କରିଥିଲି। ତେବେ ଏଠାରେ ଗୋଟେ କଥା କହି ରଖିବାକୁ ଚାହେଁ ଯେ, ମୁଁ ସପ୍ତମ ଶ୍ରେଣୀରେ ଅଧ୍ୟୟନ କଲାବେଳେ ଗପ, କବିତା ଲେଖିବା ଆରମ୍ଭ କରିଥିଲି। ପରବର୍ତ୍ତୀ ସମୟରେ ଶିକ୍ଷକ ତଥା ଗୀତିକାର ଶ୍ରୀବସ୍ତ ସାହୁଙ୍କ ପ୍ରଭାବ ମୋ ଉପରେ ଏତେ ମାତ୍ରାରେ ପଡିଥିଲା ଯେ; ଯଦ୍ୱାରା ମୁଁ ବିଦ୍ୟାଳୟରେ ତଥା ବିଦ୍ୟାଳୟ ବାହାରେ ବିଭିନ୍ନ ନାଟକରେ ଅଭିନୟ ମଧ୍ୟ କରିବାକୁ ଲାଗିଲି। ଏଥିସହିତ ଯୁକ୍ତ ଦୁଇ ପଢ଼ିଲାବେଳେ ନିଜସ୍ୱ ଉଦ୍ୟମରେ ଏକ ଶିଶୁ କିଶୋର ପତ୍ରିକା 'ଶିଶୁ ଜୀବନ' ପ୍ରକାଶ କରିଥିଲି। ସେହିପରି ସ୍ନାତକୋତ୍ତର ପରେ ଆକାଶବାଣୀ, ସମ୍ବଲପୁରକୁ ଏକ ବିଜ୍ଞାନଭିତ୍ତିକ ଲେଖା 'ପଶୁପକ୍ଷୀମାନେ ଶୋଇଥାନ୍ତି କିପରି' ପଠାଇଥିଲି; ଯାହା ସେ ସମୟରେ କିଶୋର ସଂସାର କାର୍ଯ୍ୟକ୍ରମରେ ସ୍ଥାନ ପାଇଥିଲା ଓ ବେଶ୍ ଆଦୃତ ମଧ୍ୟ ହୋଇଥିଲା। ଏହାପରେ କ୍ରମାଗତ ଭାବେ ମୋର ବିଭିନ୍ନ ଆଲୋଚନାମୂଳକ ଲେଖାଗୁଡ଼ିକ ଆକାଶବାଣୀରେ ପ୍ରସାରିତ ହେବାକୁ ଲାଗିଲା। ତା' ସହିତ ମୁଁ ମଧ୍ୟ ଆକାଶବାଣୀ, ସମ୍ବଲପୁରର ଯୁବବାଣୀ ବିଭାଗରେ କିଛି ବର୍ଷ ଉପସ୍ଥାପକ ଭାବେ କାର୍ଯ୍ୟ କରିବାର ସୌଭାଗ୍ୟ ପାଇଥିଲି। ସେଥିପାଇଁ ମୋତେ ଯେଉଁ ପାରିଶ୍ରମିକ ମିଳୁଥିଲା, ତାହାକୁ ମୁଁ ପ୍ରାୟତଃ ପତ୍ରପତ୍ରିକା ଓ ପୁସ୍ତକ କିଣାରେ ଖର୍ଚ୍ଚ କରି ଦେଉଥିଲି। ଆଉ ସେହି ବହିସବୁକୁ ସାଇତି ରଖିବାକୁ ମୁଁ ଘରେ ଏକ ମିନି ଲାଇବ୍ରେରି ବି ଗଢ଼ିଥିଲି। କହିବାକୁ ଗଲେ ଏହା ହିଁ ଥିଲା ମୋର ପ୍ରକୃତ ପ୍ରଥମ ରୋଜଗାର। ଘରେ ଆମେ ତିନି ଭାଇ-ଭଉଣୀଙ୍କ ଭିତରେ ମୁଁ ଥିଲି ମଝିଆ। ଯୌଥ ପରିବାରରେ ବଢ଼ିଥିବାରୁ ଖୁବ୍ ସ୍ନେହଶ୍ରଦ୍ଧା ପାଇଥିଲି। ମା'ବାପାଙ୍କ ସ୍ନେହ ଓ ଆଦର୍ଶରେ ଅନୁପ୍ରାଣୀତ ହେବା ସହ ଅଜାଙ୍କଠାରୁ ବେଶି ସ୍ନେହ ପାଇଥିଲି। ସେ ମୋତେ ରାଜା ବୋଲି ଡାକୁଥିଲେ। ପାଠପଢ଼ା ସରିବା ପରେ କିଛିଦିନ ଶିକ୍ଷକତା କରିସାରି ଯେବେ ମୁଁ ସ୍ୱାସ୍ଥ୍ୟ ବିଭାଗରେ ଯୋଗଦେଇ ପ୍ରଥମ ଦରମା ପାଇଲି, ତାକୁ ନେଇ ମୋ ଅଜାଙ୍କୁ ଦେଇଥିଲି। ସେଦିନ ଅଜା ଏତେ ଖୁସି ହୋଇଥିଲେ ଯେ, ତାକୁ ଭାଷାରେ ବର୍ଣ୍ଣନା କରିହେବ ନାହିଁ। ଏବେ ମୁଁ ଚାକିରି ସହିତ ସାହିତ୍ୟ ରଚନା ଓ ବିଜ୍ଞାନ ସାହିତ୍ୟ ରଚନାରେ ମନୋନିବେଶ କରିବା ସଙ୍ଗେସଙ୍ଗେ ସମାଜରେ କିପରି ବିଜ୍ଞାନର ପ୍ରଚାର ଓ ପ୍ରସାର ହୋଇପାରିବ, ସେ ଦିଗରେ ମଧ୍ୟ କାର୍ଯ୍ୟ କରୁଅଛି। ବିଜ୍ଞାନକୁ ଜନପ୍ରିୟ ଓ ଲୋକାଭିମୁଖୀ କରିବା ସହ କୁନି ବିଜ୍ଞାନୀ ସୃଷ୍ଟି କରିବା ପାଇଁ ବି ମୁଁ ଏବେ ପ୍ରୟାସରତ। କେବଳ ସେତିକି ନୁହେଁ, ପରିବେଶ ସୁରକ୍ଷା ଓ ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ନିଜସ୍ୱ ଉଦ୍ୟମରେ ବିଭିନ୍ନ ସଚେତନତା ସଭା ଓ କାର୍ଯ୍ୟକ୍ରମର ଆୟୋଜନ କରିବାରେ ବି ମୋତେ ଖୁବ୍ ଆନନ୍ଦ ମିଳିଥାଏ।

# ହସରେ ହସରେ ହୃଦୟ ଚୋରି, ସେଇଠୁ ଆରମ୍ଭ ଲଭ୍‌ଷ୍ଟୋରି

**ପ୍ରଶ୍ନ**–ମୋ ମନର ମାନସୀ ସହ ପ୍ରଥମ ଥର ଭେଟରେ ହିଁ ତା' ମାୟାରେ ମୁଁ ପଡିଗଲି। ହେଲେ ସେ ମୋତେ ଏବେ ଦେଖିଲେ କେବଳ ହସୁଛି, କିଛି କହୁନି। ସେ ମୋତେ ସତରେ ଭଲ ପାଉଛି ତ ?

*–ତପନ କୁମାର ମହାକୁଡ, ବାରିପଦା*

**ଉତ୍ତର:** ସତରେ ପ୍ରେମର ନିଶା ଭାରି ଗାଢ଼। ଏ ନିଶା ଥରେ ମୁଣ୍ଡରେ ଚଢ଼ିଲେ ତାହା ସହଜରେ ଉତୁରି ନ ଥାଏ। ଆପଣ ଉଲ୍ଲେଖ କରିଛନ୍ତି ଯେ, ପ୍ରଥମ ଦେଖାରେ ଆପଣଙ୍କ ଦିଲ୍ ସେହି ସୁନ୍ଦରୀ ନିକଟରେ ବନ୍ଧା ପଡିଯାଇଛି। ପୁଣି ସେ କିଛି କହୁନି, କେବଳ ହସି ଦେଉଛି। ବାସ୍, ଏଇଠୁ ଗୋଟିଏ କଥା ନିଶ୍ଚୟ କ୍ଲିୟର : 'ହସରେ ହସରେ ହୃଦୟ ଚୋରି, ସେଇଠୁ ଆରମ୍ଭ ଲଭ୍‌ଷ୍ଟୋରି'। ବାସ୍, ମଗଜ ଖଟାଇ ସେହି ହସରେ ଲୁଚି ରହିଥିବା ତା' ମନ କଥାକୁ ଭଲ ଭାବରେ ପଢ଼ନ୍ତୁ। ଯଦି ଦୁଇ ପଟରୁ ପାଣିପାଗ ଠିକ୍ ଅଛି ତେବେ ବିଳମ୍ବ ନ କରି ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ।

**ପ୍ରଶ୍ନ**–ମୋ ପ୍ରେମିକା ମୋତେ ଦୁଇ ବର୍ଷ ହେବ ଧୋକା ଦେଇ ଚାଲିଯାଇଛି। ହେଲେ ଏବେ ମୋତେ ହୃଦ୍‌ବୋଧ ହେଉଛି ଯେ, ସେ ମୋତେ ପୁଣି ଥରେ ଭଲ ପାଇବାକୁ ଚେଷ୍ଟା କରୁଛି। ତା' ସହ ପୁଣି ଥରେ ପ୍ରେମ ଆରମ୍ଭ କରିବା ଠିକ୍ ହେବ କି ?

*–ଜୀବନ, ପାରାଦୀପ, ଜଗତସିଂହପୁର*

**ଉତ୍ତର:** ପ୍ରେମରେ ସବୁଠାରୁ ବଡ କଥା ହେଲା ବିଶ୍ୱାସ। ଯେତେବେଳେ ଏହି ବନ୍ଧ ଭାଙ୍ଗି ଯାଏ, ସେତେବେଳେ ପ୍ରେମର ପାଣିପାଗରେ ସୁନାମି ଆସେ। ଦୋହଲି ଯାଏ ପ୍ରେମର ମୀନାର। ବର୍ଷ ବର୍ଷ ଧରି ଯେଉଁ ପ୍ରେମରୁ ରସଗୋଲା ପରି ରସ ଝରୁଥିଲା, ତାହା ନିମିଷକ ମଧ୍ୟରେ ବିଷ ପାଲଟି ଯାଏ। ପ୍ରଶ୍ନରେ ଲେଖିଛନ୍ତି ଯେ, ଦୁଇ ବର୍ଷର ଗ୍ୟାପ୍ ପରେ ସେହି ପୁରୁଣା ପ୍ରେମିକାକୁ ଦେଖିଲା ବେଳକୁ ଆପଣଙ୍କ ଦିଲ୍‌ର ଧଡକନ୍ ବଢୁଛି। ହୁଏତ ତା' ଆଡକୁ ପୁଣି ଥରେ ଢ଼ଳିବାକୁ ଆପଣ ମନସ୍ଥ କରିସାରିଲେଣି। ତାକୁ ପୁଣି ଥରେ ବିଶ୍ୱାସ ପରିସରକୁ ନେବା କେତେଦୂର ଯୁକ୍ତିଯୁକ୍ତ ତାହା ପ୍ରଥମେ ଚିନ୍ତା କରନ୍ତୁ। କାରଣ ଯଦି ଆପଣ ଆଉ ଥରେ ଧୋକା ଖାଆନ୍ତି ତେବେ ନିଜର ପରିସ୍ଥିତି କ'ଣ ହେବ ଚିନ୍ତା କରିପାରୁଛନ୍ତି ତ ? ଆଉ ଗୋଟିଏ କଥା। ତାକୁ ଦେଖିଲେ ଆପଣ ପୁଣି ଥରେ ଲଭ୍ ଗେମ୍ ଆରମ୍ଭ କରିବାକୁ ଚାହୁଁଛନ୍ତି। ତାହାର ଏ ନେଇ ସମ୍ମତି ଅଛି ତ ? ଯଦି ଦ୍ୱିତୀୟ ଥର ପ୍ରେମରେ ବିଶ୍ୱାସ ଦୃଢ଼ ରହିଲା ଭଲ କଥା। ନ ହେଲେ ନେଡି ଗୁଡ କହୁଣୀକୁ ବୋହି ଗଲା ପରେ କେବଳ ବସି ନିଜ କଲା କର୍ମକୁ ଝୁରି ହେଉଥିବେ।


**ପ୍ରଶ୍ନ**–ମୋ ପ୍ରେମିକା ମୋତେ କଥା ଦେଇ ଯାଇଥିଲା ଯେ ସେ ଫେରି ଆସିବ। ସେପଟେ ଅପେକ୍ଷା କରି କରି ମୁଁ ଧୈର୍ଯ୍ୟହରା ହୋଇଗଲିଣି। ସେ କ'ଣ ଆଉ ଫେରିବ ନାହିଁ ?

*–ଅଜୟ କୁମାର, ଅନୁଗୋଳ*

**ଉତ୍ତର:** ସେ ଗ୍ୟାରେଣ୍ଟି କେବଳ ଆପଣଙ୍କ ପ୍ରେମିକା ହିଁ ଦେଇପାରିବେ। ଏତେ ବର୍ଷର ପ୍ରେମ ସମ୍ପର୍କ ଭିତରେ ତାଙ୍କ ସହ ଯୋଗାଯୋଗର ମାଧ୍ୟମ ନିଶ୍ଚୟ ଥିବ। କିଛି ନ ହେଲେ ମୋବାଇଲ୍ ନମ୍ବର ଥିବ। ତେଣୁ ତାହା ମାଧ୍ୟମରେ କିଛି ଜାଣିବାକୁ ଚେଷ୍ଟା କରନ୍ତୁ। ଯଦି କିଛି ଉତ୍ତର ନ ମିଳିଲା ତେବେ ଭାବି ନିଅନ୍ତୁ ଆପଣ ଫଟା କପାଳିଆ। ପ୍ରେମିକାଟିଏ ମିଳିଥିଲା ହେଲେ ଫୁର୍ କିନା ଉଡି ଯାଇଛି ଯେ ଆଉ ଥରେ ବସାକୁ ଫେରିବାକୁ ମନ କରୁନି। ତେଣୁ ଯଦି ଜାଣିପାରୁଛନ୍ତି ଯେ ସେହି ପ୍ରେମରେ ଆଉ ବାସ୍ନା ନାହିଁ ତେବେ ସେଭଳି ପ୍ରେମକୁ ଭୁଲି ଯିବା ହିଁ ଭଲ ହେବ। ଯଦି ଅପେକ୍ଷା କରିବାକୁ ମନ ବଳାଇଛନ୍ତି, ତେବେ ଅପେକ୍ଷା କରନ୍ତୁ। ହୁଏତ ଅପେକ୍ଷାର ଫଳ ମିଠା ହୋଇପାରେ !

**ସାଥୀ**





ସୁଶାନ୍ତ ଜେନା

(ଭାଗ-୨)


ସାଧୁକୃପା ସାମନ୍ତରାୟ

# ହୋଟେଲ ମ୍ୟାନେଜ୍‌ମେଣ୍ଟ

# ସଫଳତାର କାହାଣୀ

ପର୍ଯ୍ୟଟକ ତଥା ଅତିଥିମାନଙ୍କୁ ଆତିଥେୟତା ପ୍ରଦାନ କରିବା ହେଉଛି ହୋଟେଲ ଶିଳ୍ପର ଉଦ୍ଦେଶ୍ୟ। ଯାହା ଯୁବପିଢୀଙ୍କ ପାଇଁ ରୋଜଗାରର ଏକ ମାଧ୍ୟମ ପାଲଟିଛି। ଏଥିରେ ରୋଷେଇ ସହ ଫ୍ରଣ୍ଟ ଅଫିସ ବା ରିସେପ୍‌ସନିଷ୍ଟ, ହାଉସକିପିଂ, ସିକ୍ୟୁରିଟି, ବେକରୀ, ବାର୍, ରେଷ୍ଟୁରାଣ୍ଟ ଭଳି ବିଭିନ୍ନ କାର୍ଯ୍ୟ ରହିଛି। କହିବାକୁ ଗଲେ ଏହା ଏକ କ୍ଷୁଦ୍ର ବିଶ୍ୱ। ଅଧିକାଂଶ ଯୁବପିଢୀ ଏବେ ଏହି କ୍ଷେତ୍ର ପ୍ରତି ଆଗ୍ରହ ଦେଖାଉଛନ୍ତି। ଛାତ୍ରୀଛାତ୍ରଙ୍କୁ ହୋଟେଲ ଶିଳ୍ପରେ ଆଗକୁ ବଢିବାକୁ ପ୍ରେରଣା ଦେବା ସହ ବିଧିବଦ୍ଧ ତାଲିମ୍ ପ୍ରଦାନ କରିବା ପାଇଁ ରାଜ୍ୟରେ ଅନେକ ହୋଟେଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ ଗଢି ଉଠିଛି। ଯାହା ଓଡ଼ିଶା ସମେତ ବାହାର ରାଜ୍ୟର ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ସୁନ୍ଦର ସୁଯୋଗ ସୃଷ୍ଟି କରୁଛି। ଭୁବନେଶ୍ୱରରେ ଥିବା କିଛି ହୋଟେଲ ମ୍ୟାନେଜ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌କୁ ନେଇ ପୂର୍ବରୁ ଏକ ଉପସ୍ଥାପନା କରାଯାଇଥିବାବେଳେ, ଏବେ ଦ୍ୱିତୀୟ ଭାଗରେ ଆଉ ଦୁଇଟି ଇନ୍‌ଷ୍ଟିଚ୍ୟୁଟ୍ ସମ୍ପର୍କରେ..

### ସ୍ୱସ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ଆଣ୍ଡ ସୋସିଆଲ ଷ୍ଟଡିଜ୍ (ଏସ୍‌ଆଇଏମ୍‌ଏସ୍‌ଏସ୍)

ହୋଟେଲ ଶିଳ୍ପରେ ସ୍ୱସ୍ତିର ଚାହିଦା ଅଧିକ ରହିଛି। ତେଣୁ ଛାତ୍ରୀଛାତ୍ରଙ୍କୁ ହୋଟେଲ ଶିଳ୍ପରେ ତାଲିମ୍ ପ୍ରଦାନ କରିବାରେ ସ୍ୱସ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ଆଣ୍ଡ ସୋସିଆଲ ଷ୍ଟଡିଜ୍ (ଏସ୍‌ଆଇଏମ୍‌ଏସ୍‌ଏସ୍)ର ସୁନାମ ରହିଛି। ଜଟଣୀରେ ଏହାର ନିଜସ୍ୱ କ୍ୟାମ୍ପସ ରହିଛି। ଦଶମ, ଦ୍ୱାଦଶ ଏବଂ ସ୍ନାତକ କରିଥିବା (ଯେ କୌଣସି ଷ୍ଟ୍ରିମ୍) ପିଲା ଏହି କୋର୍ସ କରି ପାରିବେ। ଏପିରିକି ବିଟେକ୍ ଏବଂ ଡିପ୍ଲୋମା କରିଥିବା ପିଲା ମଧ୍ୟ ଏଠାରେ ହୋଟେଲ ମ୍ୟାନେଜ୍‌ମେଣ୍ଟ କରୁଛନ୍ତି। ମାଷ୍ଟର ଡିଗ୍ରୀ ଇନ୍ ହୋଟେଲ ମ୍ୟାନେଜ୍‌ମେଣ୍ଟ କୋର୍ସ କରିବା ପାଇଁ ସର୍ବନିମ୍ନ ଯୋଗ୍ୟତା ଗ୍ରାଜୁଏସନ୍ ରହିଛି। ଏହାର କୋର୍ସ ଫି' ୧ଲକ୍ଷ ୩୫ହଜାର ଟଙ୍କା। ସେହିପରି ମାଷ୍ଟର ଡିଗ୍ରୀ ଇନ୍ ଟ୍ରାଭେଲ ଆଣ୍ଡ ଟୁରିଜିମ୍ ମ୍ୟାନେଜ୍‌ମେଣ୍ଟ ପାଇଁ ୧ଲକ୍ଷ ୧୫ ହଜାର ଟଙ୍କା। ବ୍ୟାଚେଲର ଡିଗ୍ରୀ (୪ବର୍ଷ) ପାଇଁ ଯୁକ୍ତ ୨ପାସ୍ କରିଥିବା ଆବଶ୍ୟକ। ବ୍ୟାଚେଲର ଡିଗ୍ରୀ ଅଫ୍ ହୋଟେଲ ମ୍ୟାନେଜ୍‌ମେଣ୍ଟ ପାଇଁ ୨ଲକ୍ଷ ୩୦ହଜାର ଏବଂ ବ୍ୟାଚେଲର ଡିଗ୍ରୀ ଅଫ୍ ଟ୍ରାଭେଲ ଆଣ୍ଡ ଟୁରିଜିମ୍ ମ୍ୟାନେଜ୍‌ମେଣ୍ଟ ପାଇଁ ୨ଲକ୍ଷ ଟଙ୍କା ଫି' ରହିଛି। ଏହାବାଦ୍ ଦଶମ ପାସ୍ କରିଥିବା ପିଲା ଡିପ୍ଲୋମା ଇନ୍ ହୋଟେଲ ମ୍ୟାନେଜ୍‌ମେଣ୍ଟ (୧୮ମାସ) କୋର୍ସ କରି ପାରିବେ। ଏଥିପାଇଁ ସେମାନଙ୍କୁ ୬୦ହଜାର ଟଙ୍କା ଦେବାକୁ ପଡିବ। ଡିଜିଟାଲ କ୍ଲାସ ରୁମ୍ ସହିତ ଅଭ୍ୟାସ ଭିତ୍ତିକ କ୍ଲାସରୁମ୍ ଏହି ଅନୁଷ୍ଠାନର ଅନ୍ୟ ଏକ ବିଶେଷତ୍ୱ। ବର୍ତ୍ତମାନ ଏଠାରେ ୩ଶହ ଛାତ୍ରୀଛାତ୍ର ଥିବାବେଳେ ୪୦ଜଣ ଶିକ୍ଷକ ଏବଂ ଅନ୍ୟାନ୍ୟ ଷ୍ଟାଫ୍ ଅଛନ୍ତି। ସେହିପରି ପ୍ରାୟ ୪୦ ପ୍ରତିଶତ ଝିଅ ଥିବାବେଳେ ୬୦ ପ୍ରତିଶତ ପୁଅ ରହିଛନ୍ତି। ବିଶେଷକରି ଓଡ଼ିଶା ବାହାରୁ ଝାଡ଼ଖଣ୍ଡ, ରାୟପୁର, ଛତିଶଗଡ଼ ଭଳି ରାଜ୍ୟରୁ ଅଧିକ ପିଲା ଆସୁଛନ୍ତି। ଅପରପକ୍ଷେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ପିଲାମାନେ ଏଥିପ୍ରତି ଆଗ୍ରହ ଦେଖାଉଛନ୍ତି। ଏହା ଏକ ଦକ୍ଷତା ବିକାଶ କୋର୍ସ ହୋଇଥିବାରୁ ଏଠାରେ ଚାକିରୀର ପରିସୀମା ଅଧିକ। ତେଣୁ ଶତ ପ୍ରତିଶତ ପ୍ଲେସମେଣ୍ଟର ଗ୍ୟାରେଣ୍ଟି ରହୁଥିବା କଲେଜ ପକ୍ଷରୁ କୁହାଯାଇଛି। ଛାତ୍ରୀଛାତ୍ରଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ପ୍ରଥମେ କିଚେନ୍ ମ୍ୟାନେଜ୍‌ମେଣ୍ଟ ବା କୁକିଂ ଦ୍ୱିତୀୟରେ ଫୁଡ୍ ଆଣ୍ଡ ବ୍ରେଭରେଜ୍ ପ୍ରତି ଏଠାରେ ଗୁରୁତ୍ୱ ଦିଆଯାଉଛି।

### ହୋଟେଲ ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଚାକିରୀର ସୁବିଧା ରହିଛି—ପ୍ରଫେସର ସୁଶାନ୍ତ କୁମାର ଜେନା, ପ୍ରିନ୍ସିପାଲ, ଏସ୍‌ଆଇଏମ୍‌ଏସ୍‌ଏସ୍

ହୋଟେଲ ମ୍ୟାନେଜ୍‌ମେଣ୍ଟ କରୁଥିବା ପିଲା ହୋଟେଲ ବ୍ୟତୀତ ଏୟାରଲାଇନ୍ସ, ବ୍ୟାଙ୍କିଙ୍ଗ, ରେଲୱେ ଏପରିକି ଡିଫେନ୍ସ ଲାଇନ୍‌ରେ ମଧ୍ୟ ଚାକିରୀ କରି ପାରୁଛନ୍ତି। ଡିଫେନ୍ସରେ ଏମାନଙ୍କୁ ଜୁନିୟର କମାଣ୍ଡାଣ୍ଟ ଭାବେ ନିଯୁକ୍ତି ମିଳିଥାଏ। ଏହାବାଦ୍ ପର୍ଯ୍ୟଟନ ବିଭାଗ, ବିଭିନ୍ନ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟରେ ମଧ୍ୟ କାମ କରି ପାରିବେ। ଆମ କଲେଜ ପିଲା ବିଶେଷକରି ଜାହାଜ, ରେଷ୍ଟୁରାଣ୍ଟ ଚେନ୍, ଇଣ୍ଟରନ୍ୟାସନାଲ ମଲ୍, ହେଲ୍‌ଥ ସ୍ପାରେ ବେଶୀ ଯାଉଛନ୍ତି। ପାଠ ସରିବା ପରେ ଜବ୍ ଟ୍ରେନି ଭାବେ ସେମାନଙ୍କୁ ୧୫ରୁ ୧୮ହଜାର ଟଙ୍କା ପ୍ରଦାନ କରାଯାଏ। ଏହାସହ ରହିବା ଏବଂ ଖାଇବା ମାଗଣା ଥାଏ। ୨ରୁ ୩ ବର୍ଷ ଅଭିଜ୍ଞତା ପରେ ପ୍ରାୟ ୪୦ହଜାର ପର୍ଯ୍ୟନ୍ତ ଦରମା ମିଳେ।

### ବିଜୁ ପଟ୍ଟନାୟକ କଲେଜ୍ ଅଫ୍ ହୋଟେଲ ମ୍ୟାନେଜ୍‌ମେଣ୍ଟ, ଟୁରିଜିମ୍ ଆଣ୍ଡ ସୋସିଆଲ ୱାର୍କ (ବିପିସିଏଚ୍‌ଏମ୍‌ଟି)

ହୋଟେଲ୍ ମ୍ୟାନେଜ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଭାବେ ବିଜୁ ପଟ୍ଟନାୟକ କଲେଜ୍ ଅଫ୍ ହୋଟେଲ ମ୍ୟାନେଜ୍‌ମେଣ୍ଟ, ଟୁରିଜିମ୍ ଆଣ୍ଡ ସୋସିଆଲ ୱାର୍କର ଭଲ ନାଁ ରହିଛି। ୨୦୦୩ରୁ ଆରମ୍ଭ ହୋଇଥିବା ଏହି ଇନ୍‌ଷ୍ଟିଚ୍ୟୁଟ୍‌ରେ ଦ୍ୱାଦଶ ଏବଂ ଗ୍ରାଜୁଏସନ୍ କରିଥିବା ଯେ କୌଣସି ଷ୍ଟ୍ରିମ୍‌ର ପିଲାମାନେ ପଢି ପାରିବେ। ତେବେ ବ୍ୟାଚେଲର ଡିଗ୍ରୀ ଇନ୍ ହୋଟେଲ ମ୍ୟାନେଜ୍‌ମେଣ୍ଟ (ବିଏଚ୍‌ଏମ୍) (ଯୁକ୍ତ ୨) ଏବଂ ୨ବର୍ଷିଆ କୋର୍ସ ମାଷ୍ଟର ଅଫ୍ ହୋଟେଲ ମ୍ୟାନେଜ୍‌ମେଣ୍ଟ (ଏମ୍‌ଏଚ୍‌ଏମ୍) ଓ ମାଷ୍ଟର ଅଫ୍ ସୋସିଆଲ ୱାର୍କ (ଏମ୍‌ଏସ୍‌ଡବ୍ଲ୍ୟୁ) ପାଇଁ ଗ୍ରାଜୁଏସନ୍ କରିଥିବା ଆବଶ୍ୟକ। ପ୍ରତ୍ୟେକ କୋର୍ସ ପାଇଁ ଅଲଗା ଅଲଗା ଫି' ଧାର୍ଯ୍ୟ କରାଯାଇଛି। ଏଠାରେ ୧୨୮ଜଣ ବ୍ୟାଚେଲର ଡିଗ୍ରୀ କୋର୍ସ କରୁଥିବା ଛାତ୍ରୀଛାତ୍ର ରହିଥିବାବେଳେ ମାଷ୍ଟରଡିଗ୍ରୀ କୋର୍ସ କରୁଥିବା ୬୮ଜଣ ଛାତ୍ରୀଛାତ୍ର ରହିଥିବାବେଳେ ୨୦ଜଣ ଷ୍ଟାଫ୍ ରହିଛନ୍ତି। ଓଡ଼ିଶାର ବିଭିନ୍ନ ଜିଲା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଭଳି ବିଭିନ୍ନ ରାଜ୍ୟରୁ ପିଲାମାନେ ପାଠ ପଢିବାକୁ ଆସୁଛନ୍ତି। ସାଧାରଣ ବର୍ଗର ପିଲାମାନେ ନିର୍ଦ୍ଧାରିତ ଫି' ଦେଉଥିବାବେଳେ ଏସ୍‌ସି/ଏସ୍‌ଟି ପିଲାମାନେ ମାଗଣାରେ ପାଠ ପଢୁଛନ୍ତି।

### ଶତପ୍ରତିଶତ ପ୍ଲେସମେଣ୍ଟର ଗ୍ୟାରେଣ୍ଟି ରହୁଛି—ସାଧୁକୃପା ସାମନ୍ତରାୟ, ଡାଇରେକ୍ଟର, ବିପିସିଏଚ୍‌ଏମ୍‌ଟି

ଏଠାରେ କୋର୍ସ ଛଡା ପିଲାମାନଙ୍କର ସ୍ପୋକନଇଂଲିଶ କ୍ଲାସ ମଧ୍ୟ କରାଯାଏ। ଯାହାଦ୍ୱାରା ପିଲାମାନେ ବଡ ବଡ ହୋଟେଲରେ କାମ କରିବା ସମୟରେ ଭାଷାକୁ ନେଇ ସମସ୍ୟାରେ ପଡିବେ ନାହିଁ। ବହୁ ବଡ ବଡ ହୋଟେଲ ସହିତ ଅନେକ ନାମୀ ସଂସ୍ଥା ଏଠାକୁ ଆସି ପିଲାଙ୍କୁ ରିକ୍ରୁଟ କରୁଛନ୍ତି। ତେଣୁ ଶତପ୍ରତିଶତ ପ୍ଲେସମେଣ୍ଟର ଗ୍ୟାରେଣ୍ଟି ରହୁଛି। ଟ୍ରେନିଂ ସମୟରେ ସେମାନଙ୍କୁ ୫ରୁ ୧୦ହଜାର ଟଙ୍କା ଷ୍ଟାଇପେଣ୍ଟ ମିଳିବା ସହ ଭଲ ଛାତ୍ରୀଛାତ୍ରଙ୍କୁ ପ୍ରାରମ୍ଭିକ ସମୟରେ ୧୭ହଜାର ଟଙ୍କା ପର୍ଯ୍ୟନ୍ତ ଦରମା ମିଳୁଛି।

—ବନ୍ଦନା ସେଠୀ





## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ରେଣୁପ୍ରଭା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ,ଧରିତ୍ରୀ
କଷ୍ଟ୍ୟୁମ୍: ଲେଡିବେନ୍, ବେନୋରିଟା ଦାଶ

## ହାଃ ହାଃ

### କ୍ରିକେଟ

କ୍ରିକେଟ ପ୍ରେମୀ ସ୍ୱାମୀଙ୍କୁ ସ୍ତ୍ରୀ: ଦିନ ସାରା ଖାଲି କ୍ରିକେଟ, କ୍ରିକେଟ, କ୍ରିକେଟ...। ମୁଁ ଘର ଛାଡ଼ିକି ଯାଉଛି।
ସ୍ୱାମୀ କମେଣ୍ଟ୍ରି କରିବା ଢଙ୍ଗରେ: ପେହଲିବାର କଦ୍‌ମୋ କା ବେହତରିନ୍ ଇସ୍ତେମାଲ୍...।

### ଦେଖାଯାଏନି

ରାଜୁ ଡାକ୍ତରଙ୍କୁ: ସାର୍, ମୋର ଏକ ସମସ୍ୟା ଅଛି।
ଡାକ୍ତର: କ'ଣ ?
ରାଜୁ: ମୁଁ କଥାବାର୍ତ୍ତା ହେଲାବେଳେ ମଣିଷ ଦେଖିପାରେନା।
ଡାକ୍ତର: ଏମିତି କେତେବେଳେ ହୁଏ ?
ରାଜୁ: ଯେତେବେଳେ ଫୋନ୍‌ରେ କଥା ହୁଏ।

### ବେହୋସ

ଶିକ୍ଷକ ମଣ୍ଟୁଙ୍କୁ: ଅପରେଶନ ପୂର୍ବରୁ ରୋଗୀଙ୍କୁ ବେହୋସ କାହିଁକି କରାଯାଏ ?
ମଣ୍ଟୁ: ବେହୋସ ନ କଲେ ରୋଗୀ ଅପରେଶନ ଶିଖିଯିବ। ଆଉ ଡାକ୍ତରଙ୍କୁ କିଏ କାହିଁକି ପଚାରିବ ?



# ଶାସଙ୍ଗ ଜଗନ୍ନାଥ ମନ୍ଦିର

**ବାଲେଶ୍ୱରର ଶାସଙ୍ଗ ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରାୟ ୮୭୪ ବର୍ଷ ଧରି ପୂଜା ପାଇ ଆସୁଛନ୍ତି ତିନି ଠାକୁର। ଏଠାରେ ବି ପାଳିତ ହୁଏ ରଥଯାତ୍ରା ଆଉ ସୁନାବେଶ। ସମ୍ପୂର୍ଣ୍ଣ ଗ୍ରାମୀଣ ପରିବେଶରେ ଏଠାକାର ରଥଯାତ୍ରାର ମାହୋଲ ବେଶ୍ ନିଆରା ଅନୁଭୂତି ଦେଇଥାଏ ଶ୍ରଦ୍ଧାଳୁଙ୍କୁ...**



**ବା**ଲେଶ୍ୱର ସହରରୁ ନିମିକି ସଡ଼କରେ ଇଞ୍ଚୁଡ଼ି ଅଭିମୁଖେ ପ୍ରାୟ ୧୦ କି.ମି. ଦୂର ଗଲେ ପଡ଼େ ପାଗନଇ ଛକ। ଆଉ ଏହି ଛକରୁ ଡାହାଣ ପାର୍ଶ୍ୱ ଦେଇ କିଛିବାଟ ଗଲେ ପଡ଼ିଥାଏ ଶାସଙ୍ଗ ଗ୍ରାମପଞ୍ଚାୟତ ; ଯେଉଁ ଗ୍ରାମପଞ୍ଚାୟତର ଆରାଧ୍ୟ ଦେବତା ହେଉଛନ୍ତି ଶ୍ରୀ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ମା' ସୁଭଦ୍ରା। ସରକାରୀ ପ୍ରାମାଣିକ ତଥ୍ୟ ଅନୁଯାୟୀ, ଏହି ଶ୍ରୀଜୀଉମାନେ କୁଆଡ଼େ ପ୍ରାୟ ୮୭୪ ବର୍ଷ ହେଲାଣି ଏଠାରେ ପୂଜା ପାଇ ଆସୁଛନ୍ତି। ତେବେ ଏହି ମନ୍ଦିରର ସ୍ୱତନ୍ତ୍ରତା ହେଉଛି ଯେ, ପୁରୀ ଶ୍ରୀକ୍ଷେତ୍ରର ନୀତିରୀତିକୁ ଅନୁସରଣ କରି ଯଥାସମ୍ଭବ ଏଠାରେ ଶ୍ରୀଜୀଉମାନଙ୍କର ସେବା ପୂଜା କରାଯାଇଥାଏ। ଏଠାରେ ମଧ୍ୟ ସ୍ନାନଯାତ୍ରା, ଶ୍ରୀଗୁଣ୍ଡିଚା ଯାତ୍ରା, ଚନ୍ଦନଯାତ୍ରା ଭଳି ଦ୍ୱାଦଶ ଯାତ୍ରା ପାଳିତ ହୋଇଥାଏ। ମହାପ୍ରଭୁଙ୍କଠାରେ ପ୍ରତ୍ୟେକ ଦିନ ବିଭିନ୍ନ ଭୋଗ ନୀତି ସହ ଦୁଇ ଓଳି ଅନ୍ନ ଭୋଗ ଲାଗି ହୋଇଥାଏ। ଶ୍ରୀଜଗନ୍ନାଥ ଶାସ୍ତ୍ର ଅନୁଯାୟୀ, ଶ୍ରୀଜୀଉମାନଙ୍କୁ ବାର ଅନୁସାରେ ଏଠାରେ ବିଭିନ୍ନ ଲୁଗା ଓ ପୁଷ୍ପ ପିନ୍ଧାଯିବା ସହ ନାନାଦି ଫଳ ଓ ପରିବା ଆଦି ପ୍ରସାଦ ଭାବେ ଲାଗି କରାଯାଇଥାଏ। ଏଠାରେ ମହାପ୍ରଭୁମାନଙ୍କ ସେବା କରୁଥିବା ସମସ୍ତ ସେବକଙ୍କୁ ଜାଗିରି ସେବକ ବୋଲି କୁହାଯାଇଥାଏ। ଶୁଣାଯାଏ ଯେ, ଏଠାରେ ଶାସନ କରୁଥିବା ତତ୍କାଳୀନ ସାମନ୍ତ (ଜମିଦାର) ମହାପ୍ରଭୁଙ୍କୁ ସ୍ଥାପିତ କରିବାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ତା'ସହିତ ଠାକୁରଙ୍କ ସେବାରେ କିଛି ଯେମିତି ଅସୁବିଧା ନହୁଏ, ସେଥିପାଇଁ ସିଏ ସମସ୍ତ ସେବକଙ୍କୁ କିଛି କିଛି ଜମି ମଧ୍ୟ ପ୍ରଦାନ କରିଥିଲେ। ଏହି ମନ୍ଦିରରେ ବଡ଼ଠାକୁର ଶ୍ରୀବଳଦେବ, ମା' ସୁଭଦ୍ରା, ଶ୍ରୀଜଗନ୍ନାଥ ଓ ମାଧବଙ୍କ ସମେତ ବହୁ ପାର୍ଶ୍ୱ ଦେବଦେବୀଙ୍କର ମୂର୍ତ୍ତି ଥିବାର ମଧ୍ୟ ଦେଖିବାକୁ ମିଳିଥାଏ। ସେହିପରି ଆଉ ଏକ ପ୍ରାମାଣିକ ତଥ୍ୟ ଅନୁଯାୟୀ, ଏହି ଗ୍ରାମପଞ୍ଚାୟତରେ ପୂର୍ବରୁ ଜଗନ୍ନାଥପୁର ଶାସନ, ବଳଭଦ୍ରପୁର ଶାସନ ଓ ସୁଭଦ୍ରାପୁର ଶାସନ ଭାବେ ତିନୋଟି ବ୍ରାହ୍ମଣ ଶାସନ ସେତେବେଳର ସାମନ୍ତ (ଜମିଦାର) ସ୍ଥାପନା କରିଥିଲେ। ତେବେ ବର୍ତ୍ତମାନ ଯେଉଁ ମନ୍ଦିରରେ ଠାକୁରମାନେ ପୂଜା ପାଉଛନ୍ତି, ତାହା କୁଆଡ଼େ ସାତ ନମ୍ବର ମନ୍ଦିର। ଅର୍ଥାତ୍ ସମୟକ୍ରମେ ମୂଳମନ୍ଦିର ପୁରୁଣା ହୋଇଯିବାରୁ ତାହାକୁ ପୁନଃ ନିର୍ମାଣ କରାଯାଇଥିଲା। ଏହିପରି ଛଅ ଥର ନିର୍ମାଣ ହୋଇସାରିବା ପରେ ଏହା ହେଉଛି ସାତ ନମ୍ବର ମନ୍ଦିର ; ଯାହାକୁ ବିଭିନ୍ନ ଦାତବ୍ୟ ବ୍ୟକ୍ତିମାନଙ୍କ ସାହାଯ୍ୟରେ ୨୦୧୧ ମସିହାରେ ପ୍ରତିଷ୍ଠା କରାଯାଇଛି।



### ରଥଯାତ୍ରା

ପ୍ରତିବର୍ଷ ଏଠାରେ ରଥଯାତ୍ରା ପାଳନ କରାଯାଇଥାଏ। ସୂଚନାନୁଯାୟୀ, ପୂର୍ବରୁ ଏଠାରେ ରଥ ସନ୍ଧ୍ୟା ପରେ ଟଣାଯାଉଥିଲା, କାରଣ ସେତେବେଳେ ଏଠାରେ ପ୍ରାୟ ସମସ୍ତେ କୃଷି ଉପରେ ନିର୍ଭର କରି ଚଳୁଥିଲେ। ସକାଳେ ଚାଷ କାମ ସାରି ସନ୍ଧ୍ୟାରେ ଏକତ୍ରିତ ହୋଇ ମହାଆନନ୍ଦରେ ସେମାନେ ରଥ ଟାଣୁଥିଲେ। ଏବେ ବି ଦିନରେ ପହଣ୍ଡିବିଜେ, ଛେରାପହଁରା ଆଦି ନୀତି ହୋଇ ରଥ ଟଣାଯାଇ ଅଳ୍ପ ଦୂରରେ ଥିବା ଗୁଣ୍ଡିଚା ମନ୍ଦିରରେ ରଥ ପହଞ୍ଚିଲା ବେଳକୁ ପ୍ରାୟ ରାତି ୧୧ଟା ହୋଇଯାଉଛି। ଗୋଟିଏ ରଥରେ ହିଁ ଚତୁର୍ଦ୍ଧାମୂର୍ତ୍ତି ଗୁଣ୍ଡିଚା ଘରକୁ ଯାଇଥାନ୍ତି। ରଥରେ ଖୁରୁମା (ମଇଦା ଚିନିରେ ତିଆରି ଏକ ଖାଦ୍ୟ) ଭୋଗ ଲଗାଯିବାର ଏଠାରେ ଏକ ବିଧି ରହିଛି। ହେରାପଞ୍ଚମୀ ହେଉ ଅବା ସୁନାବେଶ, ଅଧରପଣା ନୀତି ଏପରିକି ନୀଳାଦ୍ରି ବିଜେରେ ରସଗୋଲା ଭୋଗ ହେବାର ପରମ୍ପରା ବି ଏଠାରେ ଦେଖିବାକୁ ମିଳିଥାଏ। ସବୁଠୁ ବଡ଼ କଥା ହେଉଛି ରଥଯାତ୍ରା ସମୟରେ ଏଠାରେ ନଅଦିନ ବ୍ୟାପି ଏକ ମେଳା ମହୋତ୍ସବର ଆୟୋଜନ କରାଯାଇଥାଏ ; ଯାହାକୁ ଦେଖିବାକୁ ଆଖପାଖ ପାଞ୍ଚ ଖଣ୍ଡ ଗାଁର ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି।

ତେବେ ଏହି ବିଜେସ୍ଥଳୀ ୧୯୫୫ ମସିହାରେ ସରକାରଙ୍କ ଦେବୋତ୍ତର ବିଭାଗରେ ଶ୍ରୀଜଗନ୍ନାଥ ଜୀଉ ବିଜେ, ଶାସଙ୍ଗ ନାମରେ ପଞ୍ଜୀକୃତ ହୋଇସାରିଥିଲେ ବି ଗାଁ କନିଆ ଭଳି ଏଠାକାର ଶ୍ରୀଜୀଉମାନଙ୍କ ଏତେ ପୁରାତନ ବିଜେ ସ୍ଥଳୀ ସରକାରୀ ଉଦାସୀନତା ଓ ଆଜିର ଚାକଚକ୍ୟଭରା ଭିତରେ ଦବି ହୋଇ ରହିଯାଇଛି। ସରକାରଙ୍କର ଆତ୍ମଇଚ୍ଛା ଓ ଲୋକମାନଙ୍କ ସହଯୋଗ ରହିଲେ ମହାପ୍ରଭୁଙ୍କର ଏହି ପୀଠଟି ଏକ ପର୍ଯ୍ୟଟନ ସ୍ଥଳୀରେ ପରିଣତ ହୋଇପାରନ୍ତା।


*– ମାନସ ବିଶ୍ୱାଳ*











# ୬୫ ଲକ୍ଷର ପାଣି ବୋତଲ

**ପା**ଣି ବୋତଲ ସମସ୍ତେ କିଣିଥିବେ। ଏହାର ଦାମ ୧୦ଟଙ୍କାରୁ ଆରମ୍ଭ ହୋଇଥାଏ। ତେବେ ଭାରତରେ ଏମିତି ଏକ ପାଣି ବୋତଲ ଖୁବ୍‌ଶୀଘ୍ର ଉପଲବ୍ଧ ହେବାକୁ ଯାଉଛି, ଯାହାର ମୂଲ୍ୟ ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହୋଇଯିବେ। ଏହି ପାଣି ବୋତଲର ଦାମ ୬୫ ଲକ୍ଷ ଟଙ୍କା। ପୃଥିବୀରେ ଅନେକ ଦାମୀ ଜିନିଷ ଅଛି। ସେଥିମଧ୍ୟରେ ଏହି ପାଣି ବୋତଲ ଅନ୍ୟତମ। ତେବେ କେହି କ'ଣ ଏତେ ଟଙ୍କା ଖର୍ଚ୍ଚ କରି ପାଣି ବୋତଲଟିଏ କିଣିବେ ? ବେଭରଲୀ ହିଲ୍ସ 9OH2O ହେଉଛି ପୃଥିବୀର ସବୁଠାରୁ ମହଙ୍ଗା ପାଣି ବୋତଲ ନିର୍ମାଣ କରୁଥିବା କମ୍ପାନୀ। ଏହି କମ୍ପାନୀ ଭାରତରେ ଖୁବ୍ ଶୀଘ୍ର ଏହି ମହଙ୍ଗା ପାଣି ବୋତଲ ଲଞ୍ଚ କରିବାକୁ ଯାଉଛି। ଉକ୍ତ ପାଣି ବୋତଲର ପ୍ରତିଟି ବୁନ୍ଦା ପାଣିର ମୂଲ୍ୟ ହଜାର ହଜାର ଟଙ୍କା। ତେବେ ଆପଣ ନିଶ୍ଚୟ ଭାବୁଥିବେ ଏମିତି କ'ଣ ଅଛି କି ଏଇ ପାଣିରେ ? ବେଭରଲୀ କମ୍ପାନୀ କହେ ଏହାର ପାଣି ଯେତିକି ଖାସ୍, ଏହାର ବୋତଲ ସେତିକି ଖାସ୍। ବୋତଲର ଠିପି ହ୍ୱାଇଟ୍ ଗୋଲ୍ଡରେ ତିଆରି ଓ ଏହା ଉପରେ ହୀରା ଖଚିତ ହୋଇଛି। ଏହି ପାଣି ବୋତଲର ମାତ୍ର ୯ ପିସ୍ ତିଆରି ହୋଇଛି।

## କାର୍ଟୁନ କର୍ନର





## କଥା ଚାଟ୍

– ଓଁ ଅଭିଜ୍ଞାନ ସାହୁ

# ଚିକିତ୍ସା ସୂତ୍ର



ଜଣେ ମହାତ୍ମା କହିଥିଲେ, ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇ ଲୋକେ କୋଟି ଜନ୍ମର ପାପରୁ ମୁକ୍ତି ପାଆନ୍ତି । ମୁଁ ଗାଲୁଆ ସେବେଠୁଁ ନିଜକୁ ବୁଝେଇଦେଲି ଯେହେତୁ ମୁଁ ପାପୀ ନୁହେଁ ସେଇଥିପାଇଁ ବୋଧେ ଠାକୁର ମୋତେ କେବେ ଭାବଡୋରି ପକେଇ ଭିଡ଼ନ୍ତି ନାହିଁ । ମନ୍ଦିର ଯାଏ । ପେଟେ ଅବଢ଼ା ଖାଇ ଆନନ୍ଦ ବଜାର ପାଖରୁ ଠାକୁରଙ୍କୁ ମୁଣ୍ଡିଆଟେ ମାରି ଫେରିଆସେ। ଏମିତିରେ ମନ୍ଦିର ବେଢ଼ାରେ ଯେତିକି ଭିଡ଼ ତା'ଠାରୁ ଅଧିକ ଗମ୍ଭୀରା ଭିତରେ। ତେଣୁ ମୋ ଭଳି ଲୋକମାନେ ଅଯଥାରେ ଗମ୍ଭୀରା ଭିତରକୁ ଯାଇ ଭିଡ଼ କରିବାକୁ ଠାକୁରେ ବୋଧେ ଚାହାନ୍ତି ନାହିଁ ।

ପୁରୀ ବସ୍‌ଷ୍ଟାଣ୍ଡରୁ ମନ୍ଦିର ସାମ୍ନା ଦେଇ ଖଜାପଟ୍ଟୀ ବାଟେ ସମୁଦ୍ରକୂଳକୁ ଗଲା ବେଳେ ଦର୍ଶନ ପାଇଁ ଲମ୍ବାଲାଇନ ଦେଖି ଖୁସି ଲାଗେ, ଯାହା ହେଉ ପୃଥିବୀର କେତେ ଲୋକ ପ୍ରତିଦିନ ପାପ ଧୋଇ ସଫା ହୋଇଯାଉଛନ୍ତି । ପ୍ରଭୁଙ୍କ ଏହି ପାପ କ୍ଲିନିଂ ମେଥଡଟା ବହୁତ ଭଲ ଲାଗେ । ନା ପିତା ଔଷଧ ନା ଅପରେଶନ ନା ଇଞ୍ଜେକ୍ସନ । ବିନା କଷ୍ଟ ବିନା ଅସ୍ତ୍ରୋପଚାରରେ ପାଇଲ୍ସ ଚିକିତ୍ସା ଭଳି ପାପ ଧୋବନ ଚିକିତ୍ସା ବି ସମ୍ଭବ । ବାସ୍, ବଡ଼ ଡାକ୍ତରଙ୍କ କ୍ଲିନିକରେ ଭିଡ଼କୁ ଟିକେ ସମ୍ଭାଳିନେଲେ ହେଲା । ମାଗଣା ମିଳିଲେ ତ ଆମ ଲୋକ ପିତୁ ପିଇ ଯିବେ। ତେଣୁ ମାଗଣା ଚିକିତ୍ସାରେ ବନ୍ଧ୍ୟାକରଣଠାରୁ ପ୍ରାଚୁର୍ଯ୍ୟ ପ୍ରାପ୍ତି, ବିଷାଦ ଠାରୁ ଅବସାଦ ଯାଏଁ ସବୁର ମାଗଣା ଚିକିତ୍ସା ପାଇଁ ଅଳ୍ପ ଠେଲାପେଲା ଲମ୍ବା ଲାଇନରେ ଠିଆହେବା କିବା କଥା । ଏହା ଦୃଶ୍ୟ ଚିକିତ୍ସା ଭାବେ ପରିଚିତ । ଡାକ୍ତରଙ୍କ ମୁହଁକୁ ଚାହିଁଦେଲେ ରୋଗୀକୁ ଉପଶମ ମିଳେ। ଯେଉଁ ଡାକ୍ତରଙ୍କ ପାଖରେ ବେଶି ଗହଳି ତାଙ୍କ କମ୍ପାଉଣ୍ଡର ଅଧା ରୋଗୀଙ୍କୁ ଚିକିତ୍ସା କରୁଥିବାର ଆପଣମାନେ ନିଶ୍ଚୟ ଜାଣିଥିବେ । ବଡ଼ ଡାକ୍ତର ରୋଗୀ ଉପରେ କେବଳ ଥରେ ଆଖି ବୁଲେଇ ଆଣି କମ୍ପାଉଣ୍ଡର ଲେଖିଥିବା ଔଷଧକୁ ଓକେ କରିଦେଲେ ରୋଗୀ ଦେଖା ସରିଲା। ସଦର ମହକୁମାରେ ଗୋଟେ ବଡ଼ ଡାକ୍ତରଖାନା ସହ ପ୍ରତି ଗାଁରେ ଡିସ୍‌ପେନ୍ସରି ଥାଏ । ଉଦ୍ଦେଶ୍ୟ ହେଲା ଛୋଟ ମୋଟ ରୋଗର ଚିକିତ୍ସା ଡିସ୍‌ପେନ୍ସରିରେ ହେବା ସହ ବଡ଼ ଡାକ୍ତରଖାନାରେ ଭିଡ଼ କମିବ। ସେମିତି ବଡ଼ ଠାକୁରଙ୍କ ପାଖରେ ଭିଡ଼ ନ ହେବା ପାଇଁ ବିଭିନ୍ନ ଜାଗାରେ ତାଙ୍କ କମ୍ପାଉଣ୍ଡରମାନେ କ୍ଲିନିକ ଖୋଲି ବସିଛନ୍ତି । ଏହି କମ୍ପାଉଣ୍ଡରମାନଙ୍କୁ ଆମେ ପ୍ରାୟ ବାବା ବୋଲି କହୁ । ବଡ଼ ଡାକ୍ତରଙ୍କ ପାଖରେ ଦୃଶ୍ୟ ଚିକିତ୍ସାରୁ ବଞ୍ଚିତ ରୋଗୀ ମାନେ ପ୍ରଥମେ ବିଭିନ୍ନ ବାବା ରୂପୀ କମ୍ପାଉଣ୍ଡରମାନଙ୍କ ପାଖକୁ ଯାଆନ୍ତି । ଏମାନଙ୍କ ଚିକିତ୍ସା ବି ଅନନ୍ୟ । ଜଣେ ବାବା ସ୍ପର୍ଶ ଚିକିତ୍ସା ଦ୍ୱାରା ରୋଗ ଭଲ କରିଦିଅନ୍ତି। ତାଙ୍କ ସ୍ପର୍ଶ ମାତ୍ରେ ହିଁ ରୋଗୀକୁ ଉପଶମ ମିଳେ । ସେ ଉଭୟ ହାତ ଓ ଓଠରେ ସ୍ପର୍ଶ ଦେଇ ରୋଗ ଭଲ କରନ୍ତି । ଥରେ ଜଣେ ମହିଳାଙ୍କ ଏପରି ଏକ ଅଜାଗାରେ ସ୍ପର୍ଶକରି କାନରେ ବାବା ଚୁପି ଚୁପି ପଚାରିଲେ, ଭଲ ଲାଗିଲା ନା ଆଉଥରେ ସ୍ପର୍ଶ ଦେବି ? ବିଚାରୀ ମହିଳା ଜଣଙ୍କ ବାବାଙ୍କ ପୁନର୍ବାର ସ୍ପର୍ଶ ଡରରେ କହିଲେ, ଆଜ୍ଞା ଏବେ ବହୁତ ବେଟର ଫିଲ୍ କରୁଛି । ଚେଲାମାନେ ବାବାଙ୍କ ଜୟ ଗାନ କଲେ। ଅପୂର୍ବ ବାବାଙ୍କ ଚିକିତ୍ସା ! ଥରକ ସ୍ପର୍ଶରେ ମହିଳାଙ୍କ ବହୁ ପୁରାତନ ରୋଗ ଭଲ ହୋଇଗଲା । ଜୟ ବାବାଙ୍କ ଜୟ ।

ଆଉ ଥରେ ବାବାଙ୍କ ପାଖକୁ ଜଣେ ବୃଦ୍ଧ ଆସିଲେ । ବାବା ପଚାରିଲେ କି ରୋଗ ହୋଇଛି । ବୃଦ୍ଧ ଜଣଙ୍କ କହିଲେ, ବାବା ଆପଣଙ୍କ ସ୍ପର୍ଶ ଚିକିତ୍ସା ବିଷୟରେ ବହୁତ ଶୁଣିଛି । ଆପଣ ହାତ ନ ହେଲେ ଓଠରେ ସ୍ପର୍ଶ କରି ଅସାଧ୍ୟ ରୋଗ ଭଲ କରିଦେଉଛନ୍ତି । କାହିଁ କେତେ ପୁରୁଣା ଦିନରୁ ମୋର ଅର୍ଶ ବେମାର ପାଇଁ ମୁଁ ଖୁବ୍ କଷ୍ଟ ପାଉଛି । ଉପଶମ ପାଇଁ ଆପଣଙ୍କ ପାଖକୁ ଆସିଛି । କିଛିଦିନ ପରେ ବାଧହୋଇ ବାବା ତାଙ୍କ କ୍ଲିନିକ ବାହାରେ ଲେଖିଲେ ଏଠାରେ ସ୍ପର୍ଶ ଦ୍ୱାରା ଅର୍ଶ କି ହାର୍ନିଆ ଚିକିତ୍ସା ହେଉନି।

ଆଉ ଜଣେ ବଡ଼ ଡାକ୍ତରଙ୍କ କମ୍ପାଉଣ୍ଡର ଅଛନ୍ତି । ତାଙ୍କ ପାଖରେ ପୃଥିବୀର ସବୁ ବେମାର ପାଇଁ ଚିକିତ୍ସା ଅଛି । ସେ ଶ୍ରାବ୍ୟ ଚିକିତ୍ସା କରନ୍ତି। ଟିଭିରେ ବାବାଙ୍କ ଚିକିତ୍ସା ପ୍ରୋଗ୍ରାମ ଚାଲିଥିବା ବେଳେ ତଳେ ଫୋନ୍ ନମ୍ବର ବାରମ୍ବାର ଫ୍ଲାସ୍ କରୁଥିବ । ସେହି ନମ୍ବରରେ ଯୋଗକୁ ଫୋନ ଲାଗିଗଲେ ସେପଟୁ ବାବା ଔଷଧ ବତେଇଦେବେ। ଜଣେ ରୋଗୀ କହିଲେ, ବାବା ବହୁଦିନ ବିବାହ ପରେ ବି ମୁଁ ନିଃସନ୍ତାନ ଅଛି। ବାବା କହିଲେ, ମୁଁ ଦେଖିପାରୁଛି ତୁମ ଗାଁରେ ଗୋଟେ କାଳୀଗାଈ ବୁଲୁଛି । ଭକ୍ତ କହିଲା, 'ହଁ ବାବା, ଗାଁରେ କାଳୀଗାଈକୁ ଦେଖିଛି ।' -- ବାସ୍, ତୁମ କୃପା ସେଇଠି ଅଟକିଛି । ସେ ଗାଈର ମନ ପସନ୍ଦ ଷଣ୍ଢକୁ ମ୍ୟୁନିସିପାଲିଟି ବାଲା ଧରିନେଇଛନ୍ତି । ତାକୁ ଆଣି ଗାଈ ପାଖରେ ଛାଡ଼ ତୁମର କୃପା ହେବ । ଆଉ ଜଣେ ରୋଗୀ ପଚାରିଲେ, ''ବାବା, ପାଠ ପଢ଼ି ଘରେ ବେକାର ବସିଛି ।'' ବାବା ପଚାରିଲେ- କେତେ ଯାଏଁ ପଢ଼ିଛ ? ଭକ୍ତ କହିଲା – 'ବାବା BA ପଢ଼ିଛି ।' --- ଆଉ ଥରେ BA ପଢ଼ । ଡବଲ BA ପରେ ତୁମେ BABA ବନିଯିବ । ତୁମର ଆଉ ଚାକିରି ଦରକାର ହେବନି । ପ୍ରଭୁଙ୍କ କୃପା ମିଳିବ ।

ଏସବୁ ଚିକିତ୍ସାରେ କିନ୍ତୁ ଗ୍ୟାରେଣ୍ଟି ନ ଥାଏ । ଭଲ ହେଲେ କମ୍ପାଉଣ୍ଡରଙ୍କର ନ ହେଲେ ବଡ଼ ଡାକ୍ତର ତ ଅଛନ୍ତି । ପେଟରୋଗ ପାଇଁ ଆଖି ଡାକ୍ତରଙ୍କ ପାଖକୁ ଗଲେ ରୋଗ ଭଲ ହୁଏନି । ସେମିତି ସୋମବାର ସନ୍ତୋଷୀ ମା' ଓ ଶୁକ୍ରବାର ହନୁମାନଙ୍କ ପାଖକୁ ଗଲେ ସୁଫଳ ମିଳେନି। ଗ୍ରହରେ ଘାତକ ଦୋଷ ପାଇଁ ଲକ୍ଷ୍ମୀପୂଜା ଓ ଧନ ପାଇଁ ଶନି ପୂଜା କଲେ କିଛି ଲାଭ ନାହିଁ । ତେଣୁ ପାଳି ଓ ବାରି ଅନୁସାରେ ଡାକ୍ତର ହୁଅନ୍ତୁ କିମ୍ବା ଭଗବାନ ତାଙ୍କ ଦରବାରରେ ମୁଣ୍ଡିଆ ମାରିଲେ ଉପଶମ ମିଳିବ। ଏସବୁ ବାଦ୍ ଆଉ ଗୋଟେ ଚିକିତ୍ସା ଯାହାର ଗ୍ୟାରେଣ୍ଟି ଅଛି । ସାତଦିନ ଭିତରେ ଫଳ ନ ମିଳିଲେ ଦେଇଥିବା ଫିସ୍‌ର ଡବଲ ଫେରସ୍ତ। ଏ କମ୍ପାଉଣ୍ଡରଙ୍କ ନାଁ ହେଲା ବଙ୍ଗାଳି ବାବା । ଏ ବାବା ମାନେ ପ୍ରତି ସପ୍ତାହରେ ନୂଆ ନୂଆ ଗାଁ ବୁଲି ରୋଗୀମାନଙ୍କୁ ଡୋର ଷ୍ଟେପ୍ ସର୍ଭିସ ଦିଅନ୍ତି । ରୋଗ ସହ ଜମି ବିବାଦ, ପ୍ରେମ, ବଶୀକରଣ ଇତ୍ୟାଦିର ଗ୍ୟାରେଣ୍ଟି ଚିକିତ୍ସା କରନ୍ତି। ଥରେ ଜଣେ ଯୁବକ ବାବାଙ୍କ ପାଖକୁ ଆସିଲା । ପାଖ ବସ୍ତିରେ ରୁହେ । କାମଧନ୍ଦା ନ କରି ଗଞ୍ଜେଇ ଆଡ୍ଡାରେ ଦିନ କାଟୁଛି । ବାବାଙ୍କୁ କହିଲା , ବାବା ଅଳ୍ପ ଦିନ ହେଲା ଗୋଟେ ସୁନ୍ଦରୀ ଝିଅର ଏକତରଫା ପ୍ରେମରେ ପଡ଼ିଛି । ଗୋଟେ ବଶୀକରଣ ତାବିଜ ଦିଅନ୍ତୁ । ବାବା ଶହେ ଟଙ୍କା ନେଇ ତାକୁ ତାବିଜ ଦେବା ସହ ପିନ୍ଧିବା ଉପାୟ ବତେଇଦେଲେ । କିଛିଦିନ ପରେ ଯୁବକଟି ପୁଣି ବାବାଙ୍କ ପାଖକୁ ଆସି କହିଲା, ସେ ଝିଅ ତ ମୋତେ ପଟିଲାନି, ଏବେ ଆମ ବସ୍ତିର ଆଉ ଦୁଇଟା ଟୋକାଙ୍କ ସହ ଦିନ ଯାକ ବାହାରେ ବୁଲୁଛି। ବାବା କହିଲେ, ଆଶ୍ଚର୍ଯ୍ୟ କଥା । ଏଇ ୩/୪ଦିନ ଭିତରେ ତୁମ ବସ୍ତିର ଅନ୍ୟୂନ ୧୦ ଜଣ ଟୋକା ଆସି ମୋଠୁ ତାବିଜ ନେଇକି ଗଲେଣି । କାହାର କମ୍ପ୍ଲେନ ନାହିଁ । ତୁମେ ଟଙ୍କା ଫେରସ୍ତ ପାଇଁ ମିଛ କହୁଛ । ମୋ' ତାବିଜର ଶକ୍ତି ବହୁତ । ଝିଅ ତ ଝିଅ ତା' ବାପା ବି ପଟିବ । ସେ ଝିଅ ବିଷୟରେ ସବିସ୍ତାରେ କହିଲ ଦେଖି ଯାହା ପାଖରେ ମୋ ତାବିଜ ଫେଲ୍ ମାରିଗଲା । ଯୁବକଟି ମୁଣ୍ଡକୁ ଆଉଁଷି ଧୀର ଗଳାରେ କହିଲା, ବାବା ସେ ସୁନ୍ଦରୀ ଆପଣଙ୍କ କନ୍ୟା। ଯେତେଜଣ ଆପଣଙ୍କଠାରୁ ବଶୀକରଣ ତାବିଜ ନେଇଛନ୍ତି ସମସ୍ତଙ୍କୁ ମୁଁ ଆପଣଙ୍କ ଘର ସାମ୍ନାରେ ନିତି ଭେଟୁଛି। ଏବେ ବାବା ତାଙ୍କ ଗ୍ୟାରେଣ୍ଟି ଚିକିତ୍ସା ବନ୍ଦକରି ଘରେ ଝିଅକୁ ଜଗୁଛନ୍ତି ।


*–ବନମାଳୀ ଭବନ, ଖାନ୍ ନଗର, କଟକ*
*ମୋ:୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ଚିତ୍ରିତ ଭାବାବେଗ

**ସସ୍ମିତା ମେହେର**
**ପ୍ରକାଶକ : ଅଭିମାନ ପ୍ରକାଶନୀ , ପୁରୀ**
**ମୂଲ୍ୟ – ୧୧୦ ଟଙ୍କା**


ସମକାଳର ଜଣେ ସମ୍ଭାବନାମୟ କବି ଓ ଔପନ୍ୟାସିକା ସସ୍ମିତାଙ୍କ କବିତା ସଂକଳନ ' ଚିତ୍ରିତ ଭାବାବେଗ ' ଅଭିମାନ ପ୍ରକାଶନୀ ଦ୍ୱାରା ପ୍ରକାଶ ପାଇଛି। ୪୫ଟି କବିତାରେ ସମୃଦ୍ଧ ଉକ୍ତ ସଂକଳନରେ ସ୍ଥାନେ ସ୍ଥାନେ ଦିଆ ଯାଇଥିବା କିଛି ରୈଖୀୟ ଚିତ୍ର ପୁସ୍ତକର ପରିପାଟୀକୁ ଅଧିକ ଆକର୍ଷଣୀୟ କରିଛି। ପ୍ରାୟତଃ କବିତାରେ କବି ନିଜ ଭାବାବେଗକୁ ଭିନ୍ନ ଭିନ୍ନ ଦୃଶ୍ୟ ମାଧ୍ୟମରେ ଅବତାରଣା କରେଇବାରେ ସଫଳ ହୋଇଛନ୍ତି। ନିବିଡ଼ ଅନୁରାଗରେ ଗଢ଼ା ତାଙ୍କର କବିସତ୍ତା ଉକ୍ତ ସଂକଳନରେ ସନ୍ନିବିଷ୍ଟ କବିତାମାନଙ୍କୁ ସକାରାତ୍ମକ ଦୃଷ୍ଟିସମ୍ପନ୍ନ ଓ ଜୀବନନିଷ୍ଠ କରିପାରିଛି। ତାଙ୍କର ସହଜ, ସରଳ ପ୍ରକାଶଭଙ୍ଗୀ ତାଙ୍କ କବିତାକୁ ଯୋଗାଯୋଗକ୍ଷମ କରେଇ ପାରିଛି । ତାଙ୍କର ପୂର୍ବ ପ୍ରକାଶିତ ଅନ୍ୟ ତିନୋଟି ପୁସ୍ତକ ସଂକଳନ ଭଳି 'ଚିତ୍ରିତ ଭାବାବେଗ' ପାଠକମାନଙ୍କ ଭାବନାକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।




### ଓଡ଼ିଆ ସାହିତ୍ୟ:ପୁରୁଣା ଓ ନୂଆ

**ଡକ୍ଟର ସଂଘମିତ୍ରା ଭଞ୍ଜ**
**ପ୍ରକାଶକ–ଏଥେନା ବୁକ୍ସ, ଭୁବନେଶ୍ୱର, ମୂଲ୍ୟ–୪୫୦ଟଙ୍କା**


'ଓଡ଼ିଆ ସାହିତ୍ୟ:ପୁରୁଣା ଓ ନୂଆ' ପୁସ୍ତକର ଲେଖକ ଡକ୍ଟର ସଂଘମିତ୍ରା ଭଞ୍ଜ। ପୁସ୍ତକରେ ୨୫ଟି ବିଷୟକୁ ଲେଖିକା ଚମତ୍କାର ଭାବେ ଉପସ୍ଥାପନା କରିଛନ୍ତି। ଯାହା ଉପରେ ନିର୍ଭର କରି ପରବର୍ତ୍ତୀ ସାହିତ୍ୟିକମାନେ ସୌଧ ନିର୍ମାଣ କରିବାରେ ସକ୍ଷମ ହେବେ। ଚରୈବେତିର ଅକାଂକ୍ଷା ଏବଂ ଯୁଗୀୟ ଅବଶୋଷକୁ ପୁଞ୍ଜିକରି ସାହିତ୍ୟର ଧାରା ଗତିଶୀଳ ହୋଇଥାଏ। ସାହିତ୍ୟର ଲକ୍ଷ୍ୟ ବିବିଧ ଚେତନାକୁ ଅନ୍ତର୍ଗର୍ଭିତ କରି ସମୃଦ୍ଧ ହେବା ଏବଂ ଅନାଗତ ଭବିଷ୍ୟତ ପାଇଁ ଅଭେଦ୍ୟ ସାହିତ୍ୟିକଙ୍କୁ ନିର୍ମାଣ କରିବା। ପୁରୁଣା ଓ ନୂଆ ଲେଖନୀର ସାରସ୍ୱତ ଘାଟ ଏବଂ ଜୀବନ ମୂଲ୍ୟକୁ ପରଖିବାର ପରୀକ୍ଷାଗାର। ଏହି ଆଭିମୁଖ୍ୟରୁ 'ଓଡ଼ିଆ ସାହିତ୍ୟ:ପୁରୁଣା ଓ ନୂଆ'ର ସଂରଚନା। ଆଶା ପୁସ୍ତକଟି ଓଡ଼ିଆ ସାହିତ୍ୟର ଅଗଣିତ ଗବେଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପାଠକୀୟ ଆଦୃତି ଲାଭ କରିବ ।




### ଗାନ୍ଧୀ ଆସିଥିଲେ ଉତ୍କଳ ବୁଲି

**ରବୀନ୍ଦ୍ର ନାଥ ପ୍ରଧାନ**
**ପ୍ରକାଶିକା–ଜ୍ୟୋତ୍ସ୍ନାରାଣୀ ଚମ୍ପତି**
**ବାଣପୁର, ଖୋର୍ଦ୍ଧା, ମୂଲ୍ୟ–୪୫୦ଟଙ୍କା**

'ଗାନ୍ଧୀ ଆସିଥିଲେ ଉତ୍କଳ ବୁଲି' ପୁସ୍ତକର ଲେଖକ ରବୀନ୍ଦ୍ର ନାଥ ପ୍ରଧାନ। ପୁସ୍ତକରେ କେବଳ ଉତ୍କଳର ଗାନ୍ଧୀ ଯାତ୍ରା ସମ୍ପର୍କିତ ତଥ୍ୟ ସ୍ଥାନିତ ହୋଇନାହିଁ, ଏଥିରେ ରହିଛି ଲେଖକଙ୍କ ସୃଜନଶୀଳ ଦୃଷ୍ଟିକୋଣର ମନୋଜ୍ଞ ପ୍ରକାଶ। ଛୋଟ ଛୋଟ କାହାଣୀକୁ ଛନ୍ଦେ ଛନ୍ଦେ ଗୀତରେ ଉପସ୍ଥାପନା କରିଛନ୍ତି। ଉତ୍କଳ ଯାତ୍ରା କାଳରେ ଗାନ୍ଧୀଜୀ ଯେଉଁ ଯେଉଁ ସ୍ଥାନ ଦେଇ ଯାଇଛନ୍ତି ଓ ଯେଉଁ ଯେଉଁ ସ୍ଥାନରେ ଜନତାଙ୍କୁ ଉଦ୍‌ବୋଧନ ଦେଇଛନ୍ତି ତାର ସବିଶେଷ ତଥ୍ୟକୁ ଲେଖକ ଏଥିରେ ଉପସ୍ଥାପନ କରିଛନ୍ତି। ଗାନ୍ଧିଜୀଙ୍କ ଆଗମନ ଫଳରେ ଉତ୍କଳରେ ସ୍ୱାଧୀନତା ସଂଗ୍ରାମର ସ୍ୱରୂପରେ ଯେଉଁ ପରିବର୍ତ୍ତନ ହୋଇଛି ତାହା ମଧ୍ୟ ପୁସ୍ତକରେ ରେଖାଙ୍କିତ ହୋଇଛି। ପୁସ୍ତକଟି ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି ଆଶା କରାଯାଏ।



# କଙ୍କି ନୁହେଁ ଇଏ ପେଣ୍ଡେଣ୍ଟ

କଙ୍କି ପରି ଦେଖାଯାଉଥିବା ଏହି ଜିନିଷଟି ପ୍ରକୃତରେ କଙ୍କି ନୁହେଁ, ଏହା ଏକ ପେଣ୍ଡେଣ୍ଟ। ଏହାକୁ ଏତେ ନିଖୁଣ ଭାବେ ତିଆରି କରାଯାଇଛି ଯେ, ତାହା ସତ କଙ୍କି ଭଳି ଲାଗେ। ଏହାକୁ ଜାପାନର ମିକି ଲୋକୋସ୍ କର୍ପୋରେଶନ ଲିମିଟେଡ୍ ନାମକ କମ୍ପାନୀ ତିଆରି କରିଛି। ଉକ୍ତ କମ୍ପାନୀ ଦାବି କରେ ଯେ, ଏହି ହାଇପର୍ ରିଆଲିଷ୍ଟିକ୍ ପେଣ୍ଡେଣ୍ଟ ପିନ୍ଧିଲେ ମଶା, ଅନ୍ୟ କିଟପତଙ୍ଗ ଓ ପୋକ ପାଖ ମାଡିବେନି। କାରଣ କଙ୍କି ହେଉଛି ପ୍ରାଣୀଜଗତର ଏକ ସଫଳ ହିଂସକ କୀଟ, ଯାହା ନିଜ ଶିକାରକୁ ଆଦୌ ଛାଡି ନ ଥାଏ। ତେଣୁ ଅନ୍ୟ କୀଟପତଙ୍ଗ କଙ୍କିଠାରୁ ଦୂରେଇ ରୁହନ୍ତି। କହିବାକୁ ଗଲେ ଏହା ଏକପ୍ରକାରର ମସ୍କିଟୋ ରିପେଲାଣ୍ଟ। ବେକ ଅବା ବାହାରକୁ ଭଲଭାବେ ଦେଖାଗଲା ପରି ଶରୀରର ଯେକୌଣସି



ସ୍ଥାନରେ ଏହାକୁ ପିନ୍ଧିଲେ ମଶା ଓ ଅନ୍ୟ କୀଟପତଙ୍ଗ ଆକ୍ରମଣରୁ ରକ୍ଷା ପାଇପାରିବେ। ବଜାରରେ ମିଳୁଥିବା ବିଭିନ୍ନ ପ୍ରକାରର ମସ୍କିଟୋ ରିପେଲିଂ ସଲ୍ୟୁଶନ୍‌ରେ ଅନେକ ପ୍ରକାରର ରାସାୟନିକ ପଦାର୍ଥ ମିଶିଥାଏ, ଯାହାର ଶରୀର ଉପରେ ପାର୍ଶ୍ୱ ପ୍ରତିକ୍ରିୟାର ଆଶଙ୍କା ଥାଏ। ହେଲେ ଏହି ପେଣ୍ଡେଣ୍ଟର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ନିର୍ଭୟରେ ଏହାକୁ ବ୍ୟବହାର କରିହେବ। ଉକ୍ତ କଙ୍କି ମସ୍କିଟୋ ରିପେଲାଣ୍ଟଟି ପିଭିସିରେ ତିଆରି। ଏହାର ଲମ୍ବ ୧୦୦ ମି.ମି. ଓ ଡେଣା ପ୍ରସାରିତ କଲେ ଏହା ୧୩୦ ମି.ମି. ଲମ୍ବ ହୁଏ। ଏହାକୁ କେବଳ ପେଣ୍ଡେଣ୍ଟଭାବେ ନୁହେଁ, ଏଥିରେ ଥିବା କ୍ଲିପ୍‌କୁ ବ୍ୟବହାର କରି ହ୍ୟାଟ୍, ପ୍ୟାଣ୍ଟ ପକେଟ, ବ୍ୟାକ୍‌ପ୍ୟାକ୍ ଆଦି ସ୍ଥାନରେ ବି ଲଗାଇହେବ।





ବ୍ୟାକ୍ ପେଜ୍

# ଦାମୀ ଡଗ୍ ହାଉସ୍

ମୁଣ୍ଡ ଉପରେ ଛାତଟିଏ ଅର୍ଥାତ୍ ଘରଟିଏ ସମସ୍ତେ ଚାହାନ୍ତି। ହେଲେ ଅର୍ଥର ଅଭାବ ଲାଗି ଅନେକଙ୍କ ପାଇଁ ଏହା ସ୍ୱପ୍ନ ପାଲଟିଯାଏ। ଅନ୍ୟପକ୍ଷେ ଜାପାନର ପାଲେସ୍ କାରପେଣ୍ଟରର ଏକ ଟିମ୍ ତିଆରି କରୁଛନ୍ତି କୁକୁର ପାଇଁ ଲକ୍‌ଜ୍ୟୁରିୟସ୍ ଘର, ଯାହାର ମୂଲ୍ୟ ୧ ଲକ୍ଷ ୫୦ ହଜାର ଡଲାର। 'ଇନ୍ୟୁଡେନ୍' ନାମକ ଏହି ପ୍ରୋଜେକ୍ଟରେ ଜାପାନର ପୁରାତନ ସ୍ଥାପତ୍ୟ ନିର୍ମାଣ କଳାରେ ନିପୁଣ ସ୍ଥପତିଙ୍କୁ ନିୟୋଜିତ କରାଯାଇଛି। ଏମାନେ ଜାପାନର ପୁଣ୍ୟ ମଠ ଓ ମନ୍ଦିର ଡିଜାଇନ୍‌ର ଡଗ୍ ହାଉସ୍ ପୁରାତନ ଜେନ୍‌ସୁ ସାମା ଷ୍ଟାଇଲ୍‌ରେ ଏବଂ ପୁରାତନ କୌଶଳ ବ୍ୟବହାର କରି ତିଆରି କରୁଛନ୍ତି। ସେପୁଣି ହାଇକ୍ୱାଲିଟି ପ୍ରାକୃତିକ ସାମଗ୍ରୀ ବ୍ୟବହାର କରି। ଆଉ ଏହା ସମ୍ପୂର୍ଣ୍ଣଭାବେ ହାତ ତିଆରି ମଧ୍ୟ। ତା'ଛଡା ବର୍ଷକୁ ଏହାର ମାତ୍ର ଗୋଟିଏ ୟୁନିଟ୍ ତିଆରି ହେଉଥିବାରୁ ଏହି ଡଗ୍ ହାଉସର ଦାମ୍ ଏତେ ଅଧିକ ହୋଇଥାଏ।



# କାଜୁ ଭଳି ଅଣ୍ଡା

ଅଣ୍ଡାର ଆକାର କେମିତି ସମସ୍ତେ ଜାଣନ୍ତି। ଏମିତି କି ଅଣ୍ଡାର ଆକାର ଅନୁସାରେ ହିଁ ଅଣ୍ଡାକୃତିର ନାମକରଣ ବି ହୋଇଛି। ହେଲେ ଏଇ କିଛିଦିନ ହେବ ଭିନ୍ନ ଏକ ଆକୃତିର ଅଣ୍ଡା ଦେଉଥିବା ଏକ କୁକୁଡ଼ା ବେଶ୍ ଚର୍ଚ୍ଚାରେ ଅଛି। କହିବାକୁ ଗଲେ ସେ ସେଲିବ୍ରିଟି ପାଲଟିଯାଇଛି। ବହୁ ଦୂରରୁ ଲୋକ ତାକୁ ଦେଖିବାକୁ ଆସୁଛନ୍ତି ଓ ତା'ସହ



ସେଲ୍ଫି ଉଠାଉଛନ୍ତି। ଏହି ଅଜବ ଘଟଣା କର୍ଣ୍ଣାଟକର ଲୈଲା ଗ୍ରାମରେ ଘଟିଛି। ଏଠାକାର ପ୍ରଶାନ୍ତ ନାମକ ବ୍ୟକ୍ତି କିଛିଦିନ ହେବ କୁକୁଡା ପାଳନ ଆରମ୍ଭ କରିଛନ୍ତି। ତେବେ ତାଙ୍କ କୁକୁଡା ମଧ୍ୟରେ କଳାରଙ୍ଗର ଏକ କୁକୁଡା ଟିକେ ଖାସ୍। କାରଣ ସେ ଦେଉଥିବା ଅଣ୍ଡା ସାଧାରଣ ନୁହେଁ। ଏହି ଅଣ୍ଡାଗୁଡିକର ଆକାର ଦେଖିବାକୁ କାଜୁ ପରି। ପ୍ରଶାନ୍ତ ଯେବେ ପ୍ରଥମେ ଏଭଳି ଅଣ୍ଡା ଦେଖିଲେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଆଉ ଭାବିଲେ ଆକସ୍ମିକଭାବେ ଥରକ ପାଇଁ ଏଭଳି ଆକାରର ଅଣ୍ଡା କୁକୁଡାଟି ଦେଇଛି। କିନ୍ତୁ ପରେ ଲଗାତର ଭାବେ ସେ ଏଭଳି ଅଣ୍ଡା ଦେବାକୁ ଲାଗିଲା। ପ୍ରାଣୀ ଚିକିତ୍ସକଙ୍କ ମତରେ କୁକୁଡାର ପ୍ରଜନନ ଅଙ୍ଗରେ ବୋଧହୁଏ କିଛି ସମସ୍ୟା ଅଛି, ଯଦ୍ୱାରା କୁକୁଡାଟି ଏଭଳି ଅଣ୍ଡା ଦେଉଛି। ତେବେ ଏହି ଘଟଣାଟି ବ୍ୟାପିଯିବା ପରେ କୁକୁଡା ଓ ତା'ର ଅଣ୍ଡା ଦେଖିବାକୁ ଦୂର ଦୂରାନ୍ତରୁ ଲୋକ ଆସୁଛନ୍ତି।

